# ଜଗତଗୁରୁ କୃପାଳୁ ବିଶ୍ୱବିଦ୍ୟାଳୟ, ଓଡ଼ିଶା ଅଧିନିୟମ 2020

**(26 ନଭେମ୍ବର 2020 ରେ ରାଜ୍ୟପାଳଙ୍କ ସମ୍ମତିପ୍ରାପ୍ତ, 14 ଡିସେମ୍ବର 2020 ଓଡିଶା ଗେଜେଟର ଏକ ଅସାଧାରଣ ସଂଖ୍ୟାରେ ପ୍ରଥମେ ପ୍ରକାଶିତ)**

ଉଚ୍ଚ ଗୁଣାତ୍ମକମାନର ଶିକ୍ଷାଦାନ ଦେବା ଓ ତାହାର କାର୍ଯ୍ୟବଳୀକୁ ବିନିୟମିତ କରିବା ପାଇଁ ଜଗତଗୁରୁ କୃପାଳୁ ବିଶ୍ୱବିଦ୍ୟାଳୟ, ଓଡ଼ିଶା ନାମକ ଏକ ନିଜସ୍ୱ ଅର୍ଥବ୍ୟବସ୍ଥାରେ ପରିଚାଳିତ ଘରୋଇ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଓ ନିଗମିତ କରିବା ସକାଶେ ଏବଂ ତତ୍ ସଂପର୍କିତ ବା ତତ୍ ଆନୁଷଙ୍ଗିକ ଅନ୍ୟାନ୍ୟ ବିଷୟରେ ବ୍ୟବସ୍ଥା କରିବା ନିମନ୍ତେ

ଏକ

ଅଧିନିୟମ ।

ଭାରତ ଗଣ ରାଜ୍ୟର ଏକସ୍ତରୀତମ ବର୍ଷରେ ଓଡ଼ିଶା ରାଜ୍ୟର ବିଧାନମଣ୍ଡଳ ଦ୍ୱାରା ଏହା ନିମ୍ନମତେ ଅଧିନିୟମିତ ହେଲା :—

ଅଧ୍ୟାୟ – I

ପ୍ରାରମ୍ଭିକ

ସଂକ୍ଷିପ୍ତ ନାମ ଓ ପ୍ରାରମ୍ଭ ।

1. 1. ଏହି ଅଧିନିୟମଟି ଜଗତଗୁରୁ କୃପାଳୁ ବିଶ୍ୱବିଦ୍ୟାଳୟ, ଓଡ଼ିଶା ଅଧିନିୟମ, 2020 ନାମରେ ଅଭିହିତ ହେଲା ।
   2. ରାଜ୍ୟ ସରକାର, ଅଧିସୂଚନା ଦ୍ୱାରା ଯେଉଁ ତାରିଖ ନିୟତ କରିବେ ଏହା ସେହି ତାରିଖଠାରୁ ବଳବତ୍ତର ହେବ ।

ସଂଜ୍ଞା ।

2. 1. ପ୍ରସଙ୍ଗ ଅନ୍ୟଥା ଆବଶ୍ୟକ କରୁ ନଥିଲେ, ଏହି ଅଧିନିୟମରେ-
   (କ) "ବିଦ୍ୟା ପରିଷଦ" ଅର୍ଥ ଧାରା 20 ଅନୁଯାୟୀ ଗଠିତ ବିଦ୍ୟା ପରିଷଦ;
   (ଖ) 'ଏ.ଆଇ.ସି.ଟି.ଇ' ଅର୍ଥ ସର୍ବଭାରତୀୟ ବୈଷୟିକ ଶିକ୍ଷା ପରିଷଦ ଅଧିନିୟମ, 1987ର ଧାରା 3 ଅନୁଯାୟୀ ସ୍ଥାପିତ ସର୍ବଭାରତୀୟ ବୈଷୟିକ ଶିକ୍ଷା ପରିଷଦ;
   (ଗ) 'ବାର୍ଷିକ ରିପୋର୍ଟ' ଅର୍ଥ ଧାରା 44 ରେ ସୂଚୀତ ହୋଇଥିବା ମତେ ବିଶ୍ୱବିଦ୍ୟାଳୟର ବାର୍ଷିକ ରିପୋର୍ଟ;
   (ଘ) 'ନିୟନ୍ତ୍ରକ ମଣ୍ଡଳୀ' ଅର୍ଥ ଧାରା 19 ଅନୁଯାୟୀ ଗଠିତ ବିଶ୍ୱବିଦ୍ୟାଳୟର ନିୟନ୍ତ୍ରକ ମଣ୍ଡଳୀ;
   (ଙ) 'ଚେୟାରମ୍ୟାନ' ଅର୍ଥ ଧାରା 11 ରେ ସୂଚୀତ ହେବା ମତେ ବିଶ୍ୱବିଦ୍ୟାଳୟର ଚେୟାରମ୍ୟାନ;

(ଚ) 'କୁଳାଧିପତି' ଅର୍ଥ ଧାରା ୨ରେ ସୂଚୀତ ହେବା ମତେ ବିଶ୍ୱବିଦ୍ୟାଳୟର କୁଳାଧିପତି;

(ଛ) 'ଡିନ୍' ଅର୍ଥ ଧାରା 14ରେ ଉଲ୍ଲିଖିତ ହେବା ମତେ ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ବିଭିନ୍ନ ବିଦ୍ୟାଳୟର ମୁଖ୍ୟ;

(ଜ) 'ଉନ୍ନୟନ ପାଣ୍ଠି' ଅର୍ଥ ଧାରା 42 ରେ ସୂଚୀତ ହେବା ମତେ ବିଶ୍ୱବିଦ୍ୟାଳୟର ଉନ୍ନୟନ ପାଣ୍ଠି;

(ଝ) 'କର୍ମଚାରୀ' ଅର୍ଥ ବିଶ୍ୱବିଦ୍ୟାଳୟ ଦ୍ୱାରା ନିଯୁକ୍ତ କର୍ମଚାରୀ ଓ ତହିଁରେ ଶିକ୍ଷକ ଓ ବିଶ୍ୱବିଦ୍ୟାଳୟର ଅନ୍ୟାନ୍ୟ କର୍ମଚାରୀବୃନ୍ଦ ଅନ୍ତର୍ଭୁକ୍ତ;

(ଞ) 'ଏଣ୍ଡାଓମେଣ୍ଟ ପାଣ୍ଠି' ଅର୍ଥ ଧାରା 40 ରେ ସୂଚୀତ ହେବା ମତେ ଏଣ୍ଡାଓମେଣ୍ଟ ପାଣ୍ଠି;

(ଟ) 'ଫାକ୍‌ଲଟି' ଅର୍ଥ ବିଶ୍ୱ ବିଦ୍ୟାଳୟର ବିଭିନ୍ନ ପାଠ୍ୟ ବିଭାଗ;

(ଠ) 'ସାଧାରଣ ପାଣ୍ଠି' ଅର୍ଥ ଧାରା 41 ରେ ସୂଚୀତ ହେବାମତେ ବିଶ୍ୱବିଦ୍ୟାଳୟର ସାଧାରଣ ପାଣ୍ଠି;

(ଡ଼) 'ଅଫ କ୍ୟାମ୍ପସ ସେଣ୍ଟର' ଅର୍ଥ ବିଶ୍ୱବିଦ୍ୟାଳୟର ମୁଖ୍ୟ କ୍ୟାମ୍ପସ ବାହାରେ ରାଜ୍ୟ ଭିତରେ ସ୍ଥାପିତ ଏକ କେନ୍ଦ୍ର, ଯାହାକି ତାହାର ଏକ ସଂଘଟକ ୟୁନିଟ୍ ଭାବେ ପରିଚାଳିତ ଓ ରକ୍ଷଣାବେକ୍ଷଣ ହୋଇଥାଏ ଏବଂ ତହିଁରେ ବିଶ୍ୱବିଦ୍ୟାଳୟ ଭଳି ସୁବିଧାସୁଯୋଗ, ଫାକଲଟି ଓ କର୍ମଚାରୀ ରହିଥାନ୍ତି;

(ଢ) "ବିହିତ" ଅର୍ଥ କାନୁନ୍ ଦ୍ୱାରା ବିହିତ;

(ଣ) 'ରେଜିଷ୍ଟ୍ରାର' ଅର୍ଥ ଧାରା 13 ଅନୁଯାୟୀ ନିଯୁକ୍ତ ବିଶ୍ୱବିଦ୍ୟାୟର ରେଜିଷ୍ଟ୍ରାର;

(ତ) 'ନିୟାମକ ନିକାୟ' ଅର୍ଥ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ, ସର୍ବଭାରତୀୟ ବୈଷୟିକ ଶିକ୍ଷା ପରିଷଦ ତଥା ନିର୍ଦ୍ଧାରଣ ଓ ସ୍ୱୀକୃତି ନିମନ୍ତେ ଗଠିତ ଜାତୀୟ ପରିଷଦ ଭଳି ତଦୁପଲକ୍ଷେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଦ୍ୱାରା ସ୍ଥାପିତ ଅନ୍ୟାନ୍ୟ ନିକାୟଗୁଡ଼ିକରେ ଉଚ୍ଚ ଶିକ୍ଷା

ଗୁଣାତ୍ମକମାନ ନିର୍ଦ୍ଧାରଣ କରିବା ଲାଗି ରୀତିନୀତି ଓ ସର୍ତ୍ତାବଳୀ ପ୍ରଣୟନ କରିବା ସକାଶେ କେନ୍ଦ୍ର ସରକାରଙ୍କ ଦ୍ୱାରା ସ୍ଥାପିତ ଏକ ନିକାୟ;

(ଥ) 'ନିୟମାବଳୀ' ଅର୍ଥ ବିଶ୍ୱବିଦ୍ୟାଳୟର ନିୟମାବଳୀ;

(ଦ) 'ବିଦ୍ୟାଳୟ' ଅର୍ଥ ଧାରା 5 ର ଖଣ୍ଡ (ଥ)ରେ ଉଲ୍ଲିଖିତ ହେବା ମତେ ବିଶ୍ୱବିଦ୍ୟାଳୟର ସଂଘଟକ ୟୁନିଟ୍;

(ଧ) 'ପ୍ରଯୋଜକ ନିକାୟ' ଅର୍ଥ ଭାରତୀୟ ନ୍ୟାସ ଅଧିନିୟମ, 1882 ଅନୁଯାୟୀ ରେଜିଷ୍ଟ୍ରୀକୃତ ହୋଇଥିବା ଜଗତଗୁରୁ କୃପାଳୁ ଯୋଗନ୍ୟାସ;

(ନ) 'ରାଜ୍ୟ' ଅର୍ଥ ଓଡ଼ିଶା ରାଜ୍ୟ;

(ପ) 'ରାଜ୍ୟ ସରକାର' ଅର୍ଥ ଓଡ଼ିଶା ରାଜ୍ୟ ସରକାର;

(ଫ) 'କାନୁନ୍' ଅର୍ଥ ବିଶ୍ୱବିଦ୍ୟାଳୟର କାନୁନ୍;

(ବ) 'ଶିକ୍ଷକ' ଅର୍ଥ ବିଶ୍ୱବିଦ୍ୟାଳୟରେ ଅନୁଦେଶ ବା ପ୍ରଶିକ୍ଷଣ ଦେବା ବା ଗବେଷଣା କରିବା ଲାଗି ନିଯୁକ୍ତ ହୋଇଥିବା ପ୍ରଫେସର, ସହଯୋଗୀ ପ୍ରଫେସର, ସହାୟକ ପ୍ରଫେସର, ଅଧ୍ୟାପକ ବା ସେପରି ଅନ୍ୟ କୌଣସି ବ୍ୟକ୍ତି;

(ଭ) "ନ୍ୟାସ" ଅର୍ଥ ଜଗତଗୁରୁ କୃପାଳୁ ଯୋଗ ନ୍ୟାସ;

(ମ) 'ୟୁଜିସି' ଅର୍ଥ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ଅଧିନିୟମ, 1956 ଅନୁଯାୟୀ ଗଠିତ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ;

(ଯ) "ବିଶ୍ୱବିଦ୍ୟାଳୟ" ଅର୍ଥ ଏହି ଅଧିନିୟମ ଅନୁଯାୟୀ ସ୍ଥାପିତ ଜଗତଗୁରୁ କୃପାଳୁ ବିଶ୍ୱବିଦ୍ୟାଳୟ;

(ଯକ)"କୁଳପତି" ଅର୍ଥ ଧାରା 12 ଅନୁଯାୟୀ ନିଯୁକ୍ତ ବିଶ୍ୱବିଦ୍ୟାଳୟର କୁଳପତି ।

## ଅଧ୍ୟାୟ - II
## ବିଶ୍ୱବିଦ୍ୟାଳୟ ଓ ତାହାର  ଲକ୍ଷ୍ୟ

ପ୍ରତିଷ୍ଠା ଓ ନିଗମନ ।

3. (1) ଏହି ଅଧିନିୟମର ବ୍ୟବସ୍ଥାଗୁଡିକ  ପ୍ରତି ସାପେକ୍ଷ ହୋଇ, ଧାରା 40ର ବ୍ୟବସ୍ଥା ଅନୁସାରେ ପ୍ରାୟୋଜକ ନିକାୟ ଦ୍ୱାରା ଏଣ୍ଡାଓମେଣ୍ଟ ପାଣ୍ଠି ଗଠନ ହେବା ପରେ, ରାଜ୍ୟ ସରକାର ଅଧିସୂଚନା ଦ୍ୱାରା "ଜଗତଗୁରୁ କୃପାଳୁ ବିଶ୍ୱବିଦ୍ୟାଳୟ, ଓଡ଼ିଶା" ନାମକ ଏକ ଏକକ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିପାରିବେ ।

(2) ପ୍ରାୟୋଜକ ନିକାୟ,-

(କ) କଟକ ଜିଲ୍ଲାର ଡମପଡା ତହିସିଲରେ ବାଆଁରା ଗ୍ରାମରେ ସରକାରଙ୍କ ଦ୍ୱାରା ଲିଜ୍ ଦିଆଯାଇଥିବା 100ଏକର ଜମି ନ୍ୟାସକୁ ଯୋଗାଇଦେବ, ଯାହାକି ବିଶ୍ୱବିଦ୍ୟାଳୟର କ୍ୟାମ୍ପସ ହେବ;

(ଖ) ପ୍ରଶାସନିକ ଓ ଶୈକ୍ଷିକ ଉଦ୍ଦେଶ୍ୟରେ କୋଠାବାଡ଼ି ଓ ଅନ୍ୟ ଆନୁଷଙ୍ଗିକ ନିର୍ମାଣ କରି ବିଶ୍ୱବିଦ୍ୟାଳୟକୁ ଅନ୍ୟୁନ ତିରିଶ ହଜାର ବର୍ଗମିଟର ନିର୍ମିତ କ୍ଷେତ୍ର ଅର୍ପଣ କରିବ, ଯାହାକି ଯେଉଁ ଉଦ୍ଦେଶ୍ୟରେ ଅର୍ପଣ କରାଯାଇଥିବ, ତାହା ଭିନ୍ନ ଅନ୍ୟ କୌଣସି ଉଦ୍ଦେଶ୍ୟରେ ବ୍ୟବହୃତ ହେବନାହିଁ;

(ଗ) ପ୍ରଥମ ବର୍ଷରେ, ପନ୍ଦର ଲକ୍ଷ ଟଙ୍କା ବା ନିୟାମକ ନିକାୟର ମାନଦର୍ଶ ଅନୁଯାୟୀ ନିର୍ଦ୍ଧାରିତ ପରିମାଣ-ଏ ଦୁଇଟି ମଧ୍ୟରୁ ଯେଉଁଟି ଅଧିକ, ସେତିକି ଟଙ୍କାର ପୁସ୍ତକ ଓ ପତ୍ରପତ୍ରିକା ଖରିଦ କରିବ ଏବଂ ପ୍ରଥମ ତିନିବର୍ଷ ମଧ୍ୟରେ ସମସାମୟିକ ଶିକ୍ଷାଦାନ ଓ ଗବେଷଣା ନିମନ୍ତେ ପର୍ଯ୍ୟାପ୍ତ ଗ୍ରନ୍ଥାଗାର ସୁବିଧା ସକାଶେ ପୁସ୍ତକ, ପତ୍ରିପତ୍ରିକା, କମ୍ପ୍ୟୁଟର ନେଟଓ୍ୱାର୍କ ଓ ଅନ୍ୟାନ୍ୟ ସୁବିଧା ବାବଦରେ ପଚଶ ଲକ୍ଷଟଙ୍କା ବା ନିୟାମକ ନିକାୟର ମାନାଦର୍ଶ ଅନୁଯାୟୀ ନିର୍ଦ୍ଧାରିତ ପରିମାଣ ଏ ଦୁଇଟି ମଧ୍ୟରୁ ଯେଉଁଟି ଅଧିକ ସେତିକି ପରିମାଣ ବିନିଯୋଗ କରିବ ଏବଂ ନ୍ୟାସର ବିଦ୍ୟମାନ ଗ୍ରନ୍ଥାଗାର ପୁସ୍ତକ, ପତ୍ରିପତ୍ରିକା,କମ୍ପ୍ୟୁଟର ନେଟ୍‌ଓ୍ୱାର୍କ ଓ ଅନ୍ୟାନ୍ୟ ସୁବିଧା ଯଦି କିଛି ଥାଏ, ତେବେ ସେଗୁଡିକ ସେଥିରେ ସାମିଲ ହୋଇଯିବ ।

(ଘ) ଖଣ୍ଡ(ଖ)ରେ ସୂଚିତ କୋଠାବାଡ଼ି ଭିନ୍ନ, ତିରିଶ ଲକ୍ଷଟଙ୍କା ବା ନିୟାମକ ନିକାୟର ମାନଦର୍ଶ ଅନୁଯାୟୀ ନିର୍ଦ୍ଧାରିତ ପରିମାଣ-ଏ ଦୁଇଟି ମଧ୍ୟରୁ ଯେଉଁଟି ଅଧିକ, ସେତିକି ଟଙ୍କା ମୂଲ୍ୟର ଅନ୍ୟ ସାଜସରଞ୍ଜାମ, କମ୍ପ୍ୟୁଟର, ଆସବାବ ପତ୍ର, ଅନ୍ୟ ଅସ୍ଥାବର ଓ ସ୍ଥାବର ସଂପତ୍ତି ଓ ଭିତ୍ତିଭୂମି ସୁବିଧା ଖରିଦ କରିବ ଏବଂ ପ୍ରଥମ ପାଞ୍ଚ ବର୍ଷ ମଧ୍ୟରେ ଅନ୍ୟୁନ ଏକ କୋଟି ଟଙ୍କା ବା ନିୟାମକ ନିକାୟର ମାନାଦର୍ଶ ଅନୁଯାୟୀ ନିର୍ଦ୍ଧାରିତ ପରିମାଣ-ଏ ଦୁଇଟି ମଧ୍ୟରୁ ଯେଉଁଟି ଅଧିକ, ଖଣ୍ଡ(ଖ)ରେ ସୂଚୀତ କୋଠାବାଡ଼ି ଭିନ୍ନ ଅନ୍ୟ ସାଜସରଞ୍ଜାମ, କମ୍ପ୍ୟୁଟର, ଆସବାବ ପତ୍ର, ଅନ୍ୟ ଅସ୍ଥାବର ଓ ସ୍ଥାବର ସଂପତ୍ତି ଓ ଭିତ୍ତିଭୂମି ସୁବିଧା ଆହରଣ କରିବା ପାଇଁ ଅଙ୍ଗୀକାର ପତ୍ର ଦେବ ଏବଂ କୋଠାବାଡି ଭିନ୍ନ ବିଦ୍ୟମାନ ଅନ୍ୟ ସାଜସରଞ୍ଜାମ, କମ୍ପ୍ୟୁଟର, ଆସବାବପତ୍ର, ଅନ୍ୟ ଅସ୍ଥାବର ଓ ସ୍ଥାବର ସଂପତ୍ତି ଓ ଭିତ୍ତିଭୂମି ସୁବିଧା ଯଦି କିଛି ଥାଏ, ତେବେ ସେଗୁଡିକ ସେଥିରେ ସାମିଲ ହୋଇଯିବ ।

(ଙ) ନିମ୍ନୋକ୍ତ ବିଷୟରେ ଏକ ଅଙ୍ଗୀକାର ପତ୍ର ଦେବ:-

(i) ବିଶ୍ୱବିଦ୍ୟାଳୟର କୌଣସି ବିଦ୍ୟାଳୟ, ବିଭାଗ ବା ଅଧ୍ୟୟନ ବିଷୟ ଯେଉଁ ତାରିଖରେ ଆରମ୍ଭ ହେବ, ସେହି ତାରିଖ ପୂର୍ବରୁ ସେପରି ପ୍ରତ୍ୟେକ ବିଦ୍ୟାଳୟ, ବିଭାଗ ବା ଅଧ୍ୟୟନ ବିଷୟ ପାଇଁ ପର୍ଯ୍ୟାପ୍ତ ସଂଖ୍ୟକ ପ୍ରଫେସର, ସହଯୋଗୀ ପ୍ରଫେସର, ସହାୟକ ପ୍ରଫେସର ବା ଅଧ୍ୟାପକଙ୍କୁ ପୂର୍ଣ୍ଣକାଳୀନ ନିଯୁକ୍ତି ଦେବ, ଯେପରିକି ପ୍ରତ୍ୟେକ ପ୍ରଫେସର, ସହଯୋଗୀ ପ୍ରଫେସର, ସହାୟକ ପ୍ରଫେସର ଓ ଅଧ୍ୟାପକ ସପ୍ତାହରେ ଅନ୍ୟୁନ 16ଘଣ୍ଟା ଅଧ୍ୟାପନା କରପାରିବେ । ତା' ସହିତ ଆବଶ୍ୟକ ସଂଖ୍ୟକ ସାହାଯ୍ୟକାରୀ କର୍ମଚାରୀମାନଙ୍କୁ ମଧ୍ୟ ନିଯୁକ୍ତି ଦେବ;

(ii) ଉଚିତ ଶିକ୍ଷାଦାନ ପ୍ରଣାଳୀ ସହିତ ଏକ ସୁସ୍ଥ ସାମାଜିକ ତଥା ସାଂସ୍କୃତିକ ବାତାବରଣ ସୃଷ୍ଟି କରିବା ଲାଗି ସେମିନାର, ତର୍କପ୍ରତିଯୋଗିତା, କୁଇଜ୍ କାର୍ଯ୍ୟକ୍ରମ ଭଳି ପାଠ୍ୟକ୍ରମ ସଂପର୍କିତ ଅନ୍ୟାନ୍ୟ କାର୍ଯ୍ୟକଳାପ ଏବଂ ଖେଳ କସରତ, କ୍ରୀଡ଼ା ଜାତୀୟ ସେବା କାର୍ଯ୍ୟକ୍ରମ, ସମର ଶିକ୍ଷାର୍ଥୀ ବାହିନୀ

ଗଠନ ଭଳି ପାଠ୍ୟକ୍ରମ ବହିର୍ଭୂତ କାର୍ଯ୍ୟକଳାପ ତଥା ଛାତ୍ରଛାତ୍ରୀମାନଙ୍କର ହିତ ଦୃଷ୍ଟିରୁ ନିୟମକ ନିକାୟ ଦ୍ୱାରା ସ୍ଥିରୀକୃତ ସେପରି ଅନ୍ୟାନ୍ୟ କାର୍ଯ୍ୟକ୍ରମର ପ୍ରଚଳନ କରିବ;

(iii) ବିଶ୍ୱବିଦ୍ୟାଳୟର କର୍ମଚାରୀମାନଙ୍କ ଲାଗି ବିଭିନ୍ନ ପ୍ରକାର କଲ୍ୟାଣମୂଳକ କାର୍ଯ୍ୟକ୍ରମର ଆୟୋଜନ କରିବ;

(iv) ନିୟାମକ ନିକାୟଗୁଡ଼ିକ ଦ୍ୱାରା ସମୟକୁ ସମୟ ଯେପରି ବିହିତ କରାଯାଇପାରେ ସେପରି ଅନ୍ୟାନ୍ୟ ସର୍ତ୍ତାବଳୀ ପାଳନ କରିବ ଓ ସେପରି ସୂଚନା ଯୋଗାଇ ଦେବ;

(v) ବିଶ୍ୱବିଦ୍ୟାଳୟ ଦ୍ୱାରା ଅର୍ପଣ କରାଯାଉଥିବା କୌଣସି ଡିଗ୍ରି, ସ୍ନାତକୋତ୍ତର ଡିଗ୍ରି ବା ଡିପ୍ଲୋମାର ପାଠ୍ୟକ୍ରମ, ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ଓ ସଂପୃକ୍ତ ନିୟାମକ ନିକାୟ ଦ୍ୱାରା ସମୟକୁ ସମୟ ସଂଶୋଧନ ହେବା ମତେ ସଂପୃକ୍ତ ବିନିୟମାବଳୀ ବା ମାନାଦର୍ଶର ଅନୁରୂପ ହେବ;

(vi) ନିୟାମକ ନିକାୟଗୁଡ଼ିକ ଦ୍ୱାରା ବିହିତ ହୋଇଥିବା ମାନାଦର୍ଶ ଓ ମାର୍ଗଦର୍ଶୀ ନୀତି ଅନୁସାରେ ନାମଲେଖା ପ୍ରକ୍ରିୟା ଫିସ୍ ଧାର୍ଯ୍ୟ କରାଯିବ । ଉକ୍ତ ଫିସର ଢ଼ାଞ୍ଚା ପ୍ରସ୍‌ପେକ୍‌ଟସ ଓ ଅନୁଷ୍ଠାନର ୱେବ୍-ସାଇଟ୍‌ରେ ପ୍ରଦର୍ଶିତ କରାଯିବ;

(vii) ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ବା ଅନ୍ୟ ସଂପୃକ୍ତ ନିୟାମକ ନିକାୟ ଦ୍ୱାରା ବିହିତ ହୋଇଥିବା ମତେ ବିଶ୍ୱବିଦ୍ୟାଳୟରେ ଶିକ୍ଷାଦାନ କରୁଥିବା କର୍ମଚାରୀମାନଙ୍କର ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା ରହିବ ଏବଂ ସେମାନଙ୍କୁ ଉଚିତ୍ ପରିମାଣର ପାରିଶ୍ରମିକ ପ୍ରଦାନ କରାଯିବ;

(viii) ବିଶ୍ୱବିଦ୍ୟାଳୟ ସବୁ ବର୍ଗର ବ୍ୟକ୍ତିଙ୍କ ଲାଗି ଉନ୍ମୁକ୍ତ ରହିବ ଏବଂ ଲିଙ୍ଗ, ଜାତି, ସଂପ୍ରଦାୟ, ଧର୍ମ, ବର୍ଣ୍ଣ ଓ ବାସସ୍ଥାନ ଆଧାରରେ କାହାରି ପ୍ରତି ବାଛବିଚାର କରାଯିବ ନାହିଁ । ଧାର୍ମିକ ବିଶ୍ୱାସ ବା କୌଣସି ବୃତିଗତ କାରଣକୁ ଆଧାର କରି କୌଣସି ବ୍ୟକ୍ତିଙ୍କୁ ବିଶ୍ୱବିଦ୍ୟାଳୟରେ ଶିକ୍ଷକ ଭାବେ ବା ଅନ୍ୟ କୌଣସି ପଦରେ ନିଯୁକ୍ତି ଦେବା ଲାଗି ବା ବିଦ୍ୟାର୍ଥୀ ଭାବରେ ବିଶ୍ୱବିଦ୍ୟାଳୟରେ ନାମ ଲେଖା ଲାଗି କିମ୍ବା କୌଣସି ପ୍ରକାରର ସୁବିଧା ସୁଯୋଗ ଉପଭୋଗ ବା ପ୍ରୟୋଗ କରିବା ଲାଗି ଯେ କୌଣସି ପ୍ରକାରର ପରୀକ୍ଷା କରାଇବା ବିଶ୍ୱବିଦ୍ୟାଳୟ ପକ୍ଷରେ

ବିଧିସମ୍ମତ ହେବ ନାହିଁ;

(ix) ଦୂର ଶିକ୍ଷା ପଦ୍ଧତିରେ କୌଣସି କାର୍ଯ୍ୟକ୍ରମ କରିବ ନାହିଁ; ଏବଂ

(x) ନିୟାମକ ନିକାୟଗୁଡ଼ିକ ଦ୍ୱାରା ଯେପରି ବିହିତ କରାଯାଇ ପାରେ ସେପରି ଅନ୍ୟାନ୍ୟ ସର୍ତ୍ତାବଳୀ ପାଳନ କରିବ ଓ ସେପରି ସୂଚନା ଯୋଗାଇ ଦେବ ।

(3) ଏହି ଅଧିନିୟମ ପ୍ରାରମ୍ଭ ହେବା ତାରିଖ ଠାରୁ ସର୍ବାଧିକ ଦୁଇବର୍ଷ ମଧ୍ୟରେ ପ୍ରାୟୋଜକ ନିକାୟ, ଉପ-ଧାରା(2)ରେ ବିନିର୍ଦ୍ଦିଷ୍ଟ କରାଯାଇଥିବା ଆବଶ୍ୟକତା ଓ ସର୍ତ୍ତାବଳୀକୁ ପାଳନ କରିବା ପରେ ସେ ସମ୍ବନ୍ଧରେ ରାଜ୍ୟ ସରକାରଙ୍କ ନିକଟରେ ଏକ ଅନୁପାଳନ ରିପୋର୍ଟ ଦାଖଲ କରିବେ;

ପରନ୍ତୁ ଉପ-ଧାରା (2) ଅନୁଯାୟୀ ବିନିର୍ଦ୍ଦିଷ୍ଟ ସର୍ତ୍ତାବଳୀକୁ ପୂରଣ କରିବା ସଂକ୍ରାନ୍ତୀୟ ଅଗ୍ରଗତିକୁ ବିଚାରକୁ ନେଇ ରାଜ୍ୟ ସରକାର ଯେପରି ଉପଯୁକ୍ତ ବିବେଚନା କରିବେ ଉକ୍ତ ଅବଧିକୁ ବୃଦ୍ଧି କରିବା ଲାଗି ସେପରି ଅନୁମତି ଦେଇପାରିବେ ।

(4) ଉପ-ଧାରା (3) ଅନୁଯାୟୀ ପ୍ରାୟୋଜକ ନିକାୟ ଦ୍ୱାରା ଦାଖଲ କରାଯାଇଥିବା ଅନୁପାଳନ ରିପୋର୍ଟକୁ ବିଚାର କରିବା ପରେ, ଯଦି ରାଜ୍ୟ ସରକାରଙ୍କର ହୃଦବୋଧ ହୁଏ ଯେ, ପ୍ରାୟୋଜକ ନିକାୟ ଉପ-ଧାରା (2)ରେ ଥିବା ବ୍ୟବସ୍ଥାଗୁଡ଼ିକୁ ପାଳନ କରିଛନ୍ତି, ତେବେ ସେ ଉପ-ଧାରା (1) ଅନୁଯାୟୀ ବିଶ୍ୱବିଦ୍ୟାଳୟ ସ୍ଥାପନ କରିବାକୁ ସ୍ଥାନର ବର୍ଣ୍ଣନା ଓ ଅଧିକାରିତା ସହିତ ତଦୁପଲକ୍ଷେ ଯେପରି ବିନିର୍ଦ୍ଦିଷ୍ଟ କରା ଯାଇପାରେ ସେପରି ଅନ୍ୟାନ୍ୟ ସର୍ତ୍ତାବଳୀ ଥାଇ ଅଧିସୂଚନା ଜାରି କରିପାରିବେ;

ପରନ୍ତୁ ସରକାରଙ୍କ ଦ୍ୱାରା ଗଠିତ ଏକ ଉଚ୍ଚକ୍ଷମତା ସଂପନ୍ନ କମିଟି ଯଦି ଉପ-ଧାରା (2)ରେ ଥିବା ବ୍ୟବସ୍ଥାଗୁଡ଼ିକୁ ପ୍ରାୟୋଜକ ନିକାୟ ପାଳନ କରିଛନ୍ତି ବୋଲି ଏବଂ ସମୟକୁ ସମୟ ସଂଶୋଧିତ ହେବା ପ୍ରକାରେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ବେସରକାରୀ ବିଶ୍ୱବିଦ୍ୟାଳୟ ସ୍ଥାପନ ମାନକର ଅନୁରକ୍ଷଣ) ବିନିୟମାବଳୀ, 2003 ରେ ଥିବା ବ୍ୟବସ୍ଥା ଏବଂ ଅନ୍ୟ ନିୟାମକ ନିକାୟଗୁଡ଼ିକର ବିନିୟମ ଓ

ସର୍ତ୍ତାବଳୀ ପ୍ରଯୋଜକ ନିକାୟ ଦ୍ୱାରା ସଂପୂର୍ଣ୍ଣ ରୂପେ ପାଳନ କରାଯାଇଛି ବୋଲି ପ୍ରମାଣୀକୃତ ନ କରନ୍ତି, ତେବେ ସେପରି କୌଣସି ଅଧିସୂଚନା ଜାରି କରାଯିବ ନାହିଁ ।

(5) ସେପରି ଅଧିସୂଚନା ଜାରି ହେବା ଦିନ ଓ ସେହି ତାରିଖ ଠାରୁ "ଜଗତଗୁରୁ କୃପାଳୁ ବିଶ୍ୱବିଦ୍ୟାଳୟ, ଓଡ଼ିଶା" ନାମରେ ଏକ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠିତ ଓ ନିଗମିତ ହୋଇଛି ବୋଲି ବିବେଚିତ ହେବ ।

(6) ଉପ-ଧାରା(1) ଅନୁଯାୟୀ ଜାରି କରାଯାଇଥିବା ଅଧିସୂଚନା, ରାଜ୍ୟ ବିଧାନମଣ୍ଡଳର ଏକ ବା ଏକାଧିକ ଅଧିବେଶନରେ ଚଉଦ ଦିନ କାଳାବଧି ପାଇଁ ଉପସ୍ଥାପନ କରାଯିବ ।

(7) ବିଶ୍ୱବିଦ୍ୟାଳୟ, ଶାଶ୍ୱତ ଉତ୍ତରାଧିକାର ଓ ସାଧାରଣ ମୋହର ଥାଇ ଏକ ନିଗମ ନିକାୟ ହେବ ଏବଂ ଏହି ଅଧିନିୟମର ବ୍ୟବସ୍ଥାଗୁଡିକ ପ୍ରତି ସାପେକ୍ଷ ହୋଇ ଏହାର ସଂପତ୍ତି ଅର୍ଜନ ଓ ହସ୍ତାନ୍ତର କରିବା ଓ ଚୁକ୍ତି କରିବା କ୍ଷମତା ରହିବା ସଙ୍ଗେ ସଙ୍ଗେ ଏହି ଅଧିନିୟମ ଉଦ୍ଦେଶ୍ୟରେ ଅନ୍ୟ ସବୁ କାର୍ଯ୍ୟ କରିପାରିବ ଏବଂ ବିଶ୍ୱବିଦ୍ୟାଳୟ ତାହାର ସେହି ଏକା ନାମରେ ମକଦ୍ଦମା ଦାଏର କରିପାରିବ ଓ ତାହା ବିରୁଦ୍ଧରେ ମକଦ୍ଦମା କରାଯାଇ ପାରିବ ।

(8) ବିଶ୍ୱବିଦ୍ୟାଳୟ ଦ୍ୱାରା ବା ବିଶ୍ୱବିଦ୍ୟାଳୟ ବିରୁଦ୍ଧରେ କରାଯାଉଥିବା ସମସ୍ତ ମକଦ୍ଦମା ଓ ଅନ୍ୟ ବିଧିକ କାର୍ଯ୍ୟବିଧିର କଥନଗୁଡ଼ିକ ରେଜିଷ୍ଟ୍ରାରଙ୍କ ଦ୍ୱାରା ସ୍ୱାକ୍ଷରିତ ତଥା ସତ୍ୟାପିତ ହେବ ଏବଂ ସେହି ମକଦ୍ଦମା ଓ କାର୍ଯ୍ୟବିଧି ସଂପର୍କିତ ସମସ୍ତ ଆଦେଶିକା ରେଜିଷ୍ଟ୍ରାରଙ୍କ ନାମରେ ଜାରି କରାଯିବ ।

(9) ବିଶ୍ୱବିଦ୍ୟାଳୟଟି କଟକ ଜିଲ୍ଲାର ଡମପଡ଼ା ତହସିଲ ଅନ୍ତର୍ଗତ ବାଆଁରା ଗ୍ରାମରେ ଅବସ୍ଥିତ ହେବ ।

ବିଶ୍ୱବିଦ୍ୟାଳୟ ଆର୍ଥିକ ସହାୟତା ପାଇବା ପାଇଁ ହକ୍‌ଦାର ହେବନାହିଁ ।

4. ବିଶ୍ୱବିଦ୍ୟାଳୟଟି ଏକକ ଓ ସ୍ୱ-ଅର୍ଜନ ବ୍ୟବସ୍ଥାରେ ପରିଚାଳିତ ହେବ ଏବଂ ଏହା ରାଜ୍ୟ ସରକାରଙ୍କ ଠାରୁ ବା ରାଜ୍ୟ ସରକାରଙ୍କ ମାଲିକାନା ବା ନିୟନ୍ତ୍ରଣାଧୀନରେ ଥିବା ଅନ୍ୟ କୌଣସି ନିକାୟ ବା ନିଗମଠାରୁ କୌଣସି ପ୍ରକାର ସହାୟକ ଅନୁଦାନ

(ଗ୍ରାଣ୍ଟ-ଇନ୍-ଏଡ୍) ବା ଅନ୍ୟ ଆର୍ଥିକ ସହାୟତା ପାଇବା ପାଇଁ ହକ୍‌ଦାର ହେବନାହିଁ ।

ବିଶ୍ୱବିଦ୍ୟାଳୟର ଲକ୍ଷ୍ୟ ।

5. ଯେଉଁ ଲକ୍ଷ୍ୟସାଧନ ଲାଗି ବିଶ୍ୱବିଦ୍ୟାଳୟ ସ୍ଥାପନ କରାଯାଇଛି, ତାହା ନିମ୍ନରେ ଦର୍ଶାଗଲା:-

(କ) ଇଞ୍ଜିନିୟରିଂ ଓ ପ୍ରଯୁକ୍ତି ବିଦ୍ୟା, କଳା ଓ ସାମାଜିକ ବିଜ୍ଞାନ, ଭୌତିକ ଓ ଜୀବ ବିଜ୍ଞାନ, ଭେଷଜ, ମ୍ୟାନେଜମେଣ୍ଟ, ଚିକିତ୍ସା ଶାସ୍ତ୍ର, ଆଇ, ଭାରତୀୟ ସଂସ୍କୃତି ଓ କଳା, ଯୋଗ, ଆଧ୍ୟାତ୍ମିକ ଓ ଧୀ-ଶକ୍ତି ପରିଚାଳନା, ବୃତ୍ତିଗତ ଶିକ୍ଷା ଓ ତାଲିମ୍, ଜନଜାତି ଓ ଅନଗ୍ରସର କ୍ଷେତ୍ର ଉନ୍ନୟନ ଅଧ୍ୟୟନ, ସାମାଜିକ ନ୍ୟାୟ ଓ ବିଶ୍ୱବିଦ୍ୟାଳୟ ଉପଯୁକ୍ତ ବିବେଚନା କରିବା ମତେ ଅନ୍ୟାନ୍ୟ କ୍ଷେତ୍ରରେ ଶୈକ୍ଷିକ ଓ ଗବେଷଣା ସୁବିଧା ସୁଯୋଗ ଯୋଗାଇ ଦେଇ ଆଧୁନିକ ଜ୍ଞାନ କୌଶଳର ବ୍ୟାପକ ପ୍ରଚାର ପ୍ରସାର କରିବା;

(ଖ) ପରୀକ୍ଷା ବା ମୂଲ୍ୟାୟନର ଅନ୍ୟ ଯେ କୌଣସି ପଦ୍ଧତିକୁ ଭିତ୍ତିକରି ଡିଗ୍ରି, ଡିପ୍ଲୋମା, ଚାଟରସ୍, ପଦବୀ, ପ୍ରମାଣପତ୍ର ଓ ଅନ୍ୟାନ୍ୟ ଶୈକ୍ଷିକ ଡିଷ୍ଟିଂସନ୍ ପ୍ରଦାନ କରିବା;

(ଗ) ଭାରତ ବା ଭାରତ ବାହାରେ ଥିବା ଅନ୍ୟାନ୍ୟ ମହାବିଦ୍ୟାଳୟ ବା ବିଶ୍ୱବିଦ୍ୟାଳୟ, ଗବେଷଣା ଅନୁଷ୍ଠାନ, ଶିଳ୍ପ ସଂଗଠନ, ବୃତ୍ତିଗତ ନିକାୟ ବା ଅନ୍ୟ ଯେକୌଣସି ସଂସ୍ଥା ସହିତ ସହଯୋଗ ସ୍ଥାପନ କରିବା;

(ଘ) ନୈତିକ ମୂଲ୍ୟବୋଧ, ମାନବୋଚିତ ନୀତି ଓ ସେବା ଅଭିମୁଖୀ କାର୍ଯ୍ୟକ୍ରମ ଏବଂ ଦେଶବିଦେଶରେ ନାଗରିକ-ମାନଙ୍କୁ ଦୃଷ୍ଟାନ୍ତ ମୂଳକ ତାଲିମର ପ୍ରଚାର ପ୍ରସାର କରିବା;

(ଙ) ସମାଜର ମଙ୍ଗଳ ପାଇଁ ବୈଦିକ ବିଜ୍ଞାନ, ଯୋଗ ବିଜ୍ଞାନ, ଧୀ-ଶକ୍ତି ପରିଚାଳନା, ତୁଳନାତ୍ମକ ଧାର୍ମିକ ଭାବ ଏବଂ ଦୈହିକ, ମାନସିକ ଓ ବୌଦ୍ଧିକ ବିକାଶ ନିମନ୍ତେ ବୈକଳ୍ପିକ ଭେଷଜ କ୍ଷେତ୍ରରେ ଅଭିନବ ପରିବର୍ତ୍ତନ କରି ବିକାଶମୂଳକ ଓ ସାମଗ୍ରିକ ଆଧ୍ୟାତ୍ମିକ ଶିକ୍ଷା ପ୍ରଦାନ କରିବା;

(ଚ) ବୈଦିକ ବିଜ୍ଞାନ, ଯୋଗ ବିଜ୍ଞାନ ଓ ଧୀ-ଶକ୍ତି ପରିଚାଳନା କ୍ଷେତ୍ରରେ ସମଭାବାପନ୍ନ ଯୁବଗୋଷ୍ଠୀଙ୍କ ନିମନ୍ତେ ନୂତନ

ବୃତ୍ତିଗତ ସଂସ୍ଥାନ ସୃଷ୍ଟି କରିବା ଏବଂ ବିଦେଶରେ ସେମାନଙ୍କୁ ସାଂସ୍କୃତିକ ବାର୍ତ୍ତାବହ ଭାବେ କାର୍ଯ୍ୟ କରିବା ପାଇଁ ଯୋଗ୍ୟ କରିବା । ଏହିସବୁ କ୍ଷେତ୍ରରେ ନିପୁଣ, ଉତ୍ସାହୀ ଓ ସେବା ମନୋବୃତ୍ତି ଥିବା ଶିକ୍ଷକମାନଙ୍କୁ ତାଲିମଦେବା, ଯଦ୍ୱାରା ସେମାନେ କର୍ପୋରେଟ୍ ହାଉସ୍, ଶିଳ୍ପସଂସ୍ଥା, ଶିକ୍ଷା ଅନୁଷ୍ଠାନ ଓ ସାଧାରଣ ଜନତାଙ୍କୁ ଉପଯୁକ୍ତ ତାଲିମ ଦେଇପାରିବେ;

(ଛ) ଶିକ୍ଷା, ଗବେଷଣା, ଦେଶୀ ଔଷଧୀୟ ଉଦ୍ଭିଦ ଚାଷ, ଜୈବିକ ଚାଷ ମାଧ୍ୟମରେ ପ୍ରାକୃତିକ ଚିକିତ୍ସା ଓ ଆୟୁର୍ବେଦ ପରି ବୈକଳ୍ପିକ ଔଷଧ ପଦ୍ଧତିକୁ ଉତ୍ସାହିତ ଓ ପ୍ରଚାର କରିବା;

(ଜ) ଡମପଡ଼ା ତହସିଲରେ ଓ ପରବର୍ତ୍ତୀ ଅବସ୍ଥାରେ ରାଜ୍ୟ ସରକାରଙ୍କ ଅନୁମତି ନେଇ ରାଜ୍ୟର ଅନ୍ୟସ୍ଥାନମାନଙ୍କରେ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରି, ଚିକିତ୍ସାଳୟ, ରକ୍ତ ଭଣ୍ଡାର, ବୃଦ୍ଧାଶ୍ରମ, ଓ ଅନ୍ୟ ଜନକଲ୍ୟାଣ ଅନୁଷ୍ଠାନମାନ ଖୋଲି ଭୌତିକ ଓ ଆଧାତ୍ମିକ କ୍ଷେତ୍ରରେ ଥିବା ଅଭାବର ଦୂରୀକରଣ ନିମନ୍ତେ ଏକ ଆଦର୍ଶ, ସାମାଜିକ ଦାୟିତ୍ୱ ସମ୍ପନ୍ନ ଓ ସମ୍ବେଦନଶୀଳ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିବା;

(ଝ) ସମାଜର ଭୌତିକ, ମାନସିକ ଓ ଆଧାତ୍ମିକ ବିକାଶ ନିମନ୍ତେ କାର୍ଯ୍ୟନିର୍ବାହୀ ଉନ୍ନୟନ କାର୍ଯ୍ୟକ୍ରମ, ସ୍ୱାସ୍ଥ୍ୟ ଶିବିର, ଯୋଗ ଶିବିର, ଧୀ-ଶକ୍ତି ପରିଚାଳନା କର୍ମଶାଳା, ପ୍ରଦର୍ଶନୀ ମାନ ଆୟୋଜନ କରିବା;

(ଞ) ମହିଳା, ଅକ୍ଷମବ୍ୟକ୍ତି ଓ ନିୟମିତ ପାଠ୍ୟକ୍ରମରେ ଯୋଗ ଦେଇ ପାରୁନଥିବା ବ୍ୟକ୍ତିମାନଙ୍କ ହିତ ନିମନ୍ତେ ନିରନ୍ତର ଶିକ୍ଷା କେନ୍ଦ୍ରର ବିକାଶ କରିବା;

(ଟ) ଚାକିରୀ ଅଭିମୁଖୀ ପ୍ରମାଣପତ୍ର ଓ ଡିପ୍ଲୋମା ପାଠ୍ୟକ୍ରମ ଚାଲୁ କରିବା;

(ଠ) କଳା, ବିଜ୍ଞାନ, ପ୍ରଯୁକ୍ତି ବିଦ୍ୟା ଓ ଅନ୍ୟାନ୍ୟ କ୍ଷେତ୍ରରେ ଆନ୍ତଃ-ଅଧ୍ୟୟନ କାର୍ଯ୍ୟକ୍ରମ ଆରମ୍ଭ କରିବା;

(ଡ) ଏକ ଜ୍ଞାନ ଆହରଣ ସମ୍ବଳ କେନ୍ଦ୍ର ରୂପେ କାର୍ଯ୍ୟ କରିବା;

(ଢ) ଜାତୀୟ ସ୍ତରରେ ଓ ଆନ୍ତର୍ଜାତୀୟ ସ୍ତରରେ କନଫେରେନ୍ସ ଓ ସେମିନାର ଆୟୋଜନ କରି ଜ୍ଞାନର ଆଦାନପ୍ରଦାନ ପାଇଁ ସୁଯୋଗ ସୃଷ୍ଟି କରିବା;

(ଣ) ଉପରୋକ୍ତ ଯେ କୌଣସି କାର୍ଯ୍ୟର ଫଳପ୍ରଦ କାର୍ଯ୍ୟାନ୍ୱୟନ ନିମନ୍ତେ ସରକାରଙ୍କ ଠାରୁ ଅନୁମୋଦନ ନେଇ ଭାରତରେ ଓ ବିଦେଶରେ କାର୍ଯ୍ୟାଳୟ, କେନ୍ଦ୍ର ଓ ଶିକ୍ଷାନୁଷ୍ଠାନମାନ ଖୋଲିବା;

(ତ) ଛାତ୍ରଛାତ୍ରୀ, ଫାକଲ୍‌ଟି ସଦସ୍ୟ ଓ ଅନ୍ୟମାନଙ୍କ ଲାଗି ନିର୍ଦ୍ଦିଷ୍ଟ ମାନର ଶିକ୍ଷାଗତ ଓ ଗବେଷଣାତ୍ମକ କାର୍ଯ୍ୟକ୍ରମ, ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଓ ବିନିମୟ କାର୍ଯ୍ୟକ୍ରମମାନ ପରିକଳ୍ପନା, ପ୍ରସ୍ତୁତି ତଥା ବିକାଶ କରିବ;

(ଥ) ବିଶ୍ୱବିଦ୍ୟାଳୟର ନିମ୍ନଲିଖିତ ବିଦ୍ୟାଳୟମାନ ପ୍ରତିଷ୍ଠା-କରିବା, ଯଥା:-

(i) ଧାର୍ମିକ ଅଧ୍ୟୟନ ବିଦ୍ୟାଳୟ;
(ii) ସ୍ୱାସ୍ଥ୍ୟ ବିଜ୍ଞାନ ବିଦ୍ୟାଳୟ;
(iii) ଋରୁକଳା ବିଦ୍ୟାୟଳ;
(iv) ଭାଷା ବିଦ୍ୟାଳୟ;
(v) କଳା ବିଦ୍ୟାଳୟ;
(vi) ବ୍ୟବସାୟ ଅଧ୍ୟୟନ ବିଦ୍ୟାଳୟ;
(vii) ଇଞ୍ଜିନିୟରିଂ ବିଦ୍ୟାଳୟ;
(viii) ମୌଳିକ ବିଜ୍ଞାନ ବିଦ୍ୟାଳୟ; ଓ
(ix) ରାଜ୍ୟ ସରକାରଙ୍କ ଅନୁମୋଦନ ନେଇ ଉପଯୁକ୍ତ ବିବେଚନା କରିବା ମତେ ଅନ୍ୟ ଯେ କୌଣସି ବିଦ୍ୟାଳୟ ।

(ଦ) ସେମିନାର, କନ୍‌ଫରେନ୍ସ, କାର୍ଯ୍ୟନିର୍ବାହୀ ଶିକ୍ଷା ଯୋଜନା ତଥା ପ୍ରଶିକ୍ଷଣ କାର୍ଯ୍ୟକ୍ରମମାନ ଜରିଆରେ ଜ୍ଞାନର ପରିପ୍ରକାଶ କରିବା;

(ଧ) ଭାରତ ବା ଭାରତ ବାହାରେ ଥିବା ଅନ୍ୟାନ୍ୟ ଅନୁଷ୍ଠାନ ଗୁଡ଼ିକରେ ବିଶ୍ୱବିଦ୍ୟାଳୟ ଫାକ୍‌ଲଟି ସଦସ୍ୟମାନଙ୍କର ପ୍ରଶିକ୍ଷଣ ଓ ବିକାଶ ଲାଗି କାର୍ଯ୍ୟକ୍ରମ ଆୟୋଜନ କରିବା;

(ନ) ଭାରତ ବା ଭାରତ ବାହାରେ ଥିବା କୌଣସି ସଂସ୍ଥା ସହ ମିଳିତ ସହଯୋଗରେ ଗବେଷଣା କାର୍ଯ୍ୟ ହାତକୁ ନେବା;

(ପ) ଉଚ୍ଚତର ମାନର ବୌଦ୍ଧିକ ଦକ୍ଷତା ସୃଷ୍ଟି କରିବା;

(ଫ) ଶିକ୍ଷାନୁଷ୍ଠାନ, ସରକାରୀ ତଥା ସାର୍ବଜନିକ ସଂସ୍ଥାଗୁଡ଼ିକୁ ପରାମର୍ଶଦାତା ଯୋଗାଇ ଦେବା;

(ବ) ବିଶ୍ୱବିଦ୍ୟାଳୟର ଡିଗ୍ରି, ଡିପ୍ଲୋମା, ଋଟରସ୍, ପ୍ରମାଣପତ୍ର ତଥା ଅନ୍ୟାନ୍ୟ ବିଦ୍ୟାଗତ ଡିଷ୍ଟିଂସନ, ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ବା ଯଥାସ୍ଥିତି, ନିୟାମକ ନିକାୟଗୁଡ଼ିକ ଦ୍ୱାରା ସ୍ଥିରୀକୃତ ମାନ ଠାରୁ ନିମ୍ନମାନର ନ ହେବା ଲାଗି ସୁନିଶ୍ଚିତ ହେବା;

(ଭ) ଉପରୋକ୍ତ ଲକ୍ଷ୍ୟ ହାସଲପାଇଁ ପ୍ରୋତ୍ସାହନ ଦେବା ଲାଗି ଯେପରି ଆବଶ୍ୟକ ଓ ସମୀଚୀନ ମନେ ହେବ ସେପରି ସମସ୍ତ ବିଷୟ କରିବା; ଏବଂ

(ମ) ରାଜ୍ୟ ସରକାରଙ୍କ ଦ୍ୱାରା ଯେପରି ଅନୁମୋଦନ କରା ଯାଇପାରେ, ଲକ୍ଷ୍ୟ ହାସଲ ଲାଗି ସେପରି ଅନ୍ୟ ଯେକୌଣସି କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ।

ବିଶ୍ୱବିଦ୍ୟାଳୟର କ୍ଷମତା ।

6. ଏହି ଅଧିନିୟମରେ ଥିବା ଅନ୍ୟାନ୍ୟ ବ୍ୟବସ୍ଥା, କାନୁନ୍ ବା ତଦଧୀନ ପ୍ରଣୀତ ନିୟମାବଳୀ ବା ତତ୍ ସମୟେ ପ୍ରବୃତ୍ତ ଅନ୍ୟ କୌଣସି ବିଧି ପ୍ରତି ସାପେକ୍ଷ ହୋଇ, ବିଶ୍ୱବିଦ୍ୟାଳୟର ନିମ୍ନୋକ୍ତ କ୍ଷମତାମାନ ରହିବ, ଯଥା-

(କ) ଧାରା 5ର ଖଣ୍ଡ (ଥ)ରେ ଉଲ୍ଲିଖିତ ହୋଇଥିବା ମତେ ଅଧ୍ୟୟନର ବିଭିନ୍ନ ବିଷୟ ସକାଶେ ବିଦ୍ୟାଳୟମାନ ସ୍ଥାପନ ତଥା ତାହାର ବିକାଶ ସାଧନ କରିବା;

(ଖ) ବିଶ୍ୱବିଦ୍ୟାଳୟର ଲକ୍ଷ୍ୟ ହାସଲରେ ଉନ୍ନତି ସାଧନ ଲାଗି ଯେପରି ଆବଶ୍ୟକ ଓ ସାଧ୍ୟ ହୋଇପାରେ ସେପରି ଅନ୍ୟାନ୍ୟ କାର୍ଯ୍ୟକଳାପମାନ ଆରମ୍ଭ କରିବା;

(ଗ) ଧାରା 5 ରେ ଉଲ୍ଲିଖିତ ରୀତିରେ ଓ କାନୁନ୍‌ରେ ବିନିର୍ଦ୍ଦିଷ୍ଟ ସର୍ତ୍ତାବଳୀ ଅନୁସାରେ ଡିଗ୍ରୀ, ଡିପ୍ଲୋମା, ଋଟରସ, ପ୍ରମାଣପତ୍ର ଓ ଅନ୍ୟାନ୍ୟ ବିଦ୍ୟାଗତ ଡିଷ୍ଟିଂସନ ଓ ବୃତ୍ତିଗତ ଉପାଧି ପ୍ରଦାନ କରିବା;

(ଘ) କାନୁନ୍‌ରେ ଥିବା ବ୍ୟବସ୍ଥା ଅନୁଯାୟୀ ଗବେଷଣା ପାଇଁ ଛାତ୍ରବୃତ୍ତି (ଫେଲୋସିପ୍), ବିଦ୍ୟାବୃତ୍ତି (ସ୍କଲାରସିପ୍) ଓ ପୁରସ୍କାର (ପ୍ରାଇଜ) ଇତ୍ୟାଦିର ପ୍ରଚଳନ ଓ ଅର୍ପଣ କରିବା;

(ଙ) କାନୁନ୍ ବା ନିୟମାବଳୀ ଦ୍ୱାରା ଯେପରି ଧାର୍ଯ୍ୟ କରାଯାଇପାରେ ସେପରି ଫିସ୍, ବିଲ୍, ଇନଭଏସ୍‌ମାନ ଗ୍ରହଣ କରିବା ତଥା ସେପରି ଦେୟ ଆଦାୟ କରିବା;

(ଚ) ଛାତ୍ରଛାତ୍ରୀ ଓ କର୍ମଚାରୀମାନଙ୍କ ଲାଗି ପାଠ୍ୟକ୍ରମ ବହିର୍ଭୁତ କାର୍ଯ୍ୟକଳାପ ମାନ ଅନୁଷ୍ଠିତ କରାଇବା ସକାଶେ ବ୍ୟବସ୍ଥା କରିବା;

(ଛ) ବିଶ୍ୱବିଦ୍ୟାଳୟର ବା ଅଧ୍ୟୟନ କେନ୍ଦ୍ରଗୁଡିକରେ ଫାଇଲ୍‌ଟି, ଅଧିକାରୀ ଓ କର୍ମଚାରୀମାନଙ୍କୁ ନିଯୁକ୍ତି ଦେବା;

(ଜ) ବିଶ୍ୱବିଦ୍ୟାଳୟ ଉଦ୍ଦେଶ୍ୟରେ ଯେକୌଣସି ପ୍ରକାରର ଦାନ ଓ ଉପହାର ଗ୍ରହଣ କରିବା, ଏବଂ ଯେକୌଣସି ସ୍ଥାବର ବା ଅସ୍ଥାବର ତଥା ନ୍ୟାସ ଓ ପ୍ରଦତ୍ତ ସଂପତ୍ତିକୁ ଅର୍ଜନ, ପରିଚାଳନା, ରକ୍ଷଣାବେକ୍ଷଣା ଓ ହସ୍ତାନ୍ତର କରିବା;

(ଝ) ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ପାଇଁ ପ୍ରଶସ୍ତଗୃହ (ହଲ) ନିର୍ମାଣକରିବା ବା ଭଡ଼ାରେ ନେବା ଓ ବିଶ୍ୱବିଦ୍ୟାଳୟର ବିଦ୍ୟାର୍ଥୀମାନଙ୍କ ପାଇଁ ବାସସ୍ଥାନ ଯୋଗାଇଦେବା ଏବଂ ଭଡ଼ାରେ ନିଆଯାଇଥିବା ସେପରି ସ୍ଥାନଗୁଡ଼ିକୁ ସ୍ୱୀକୃତି ପ୍ରଦାନ କରିବା;

(ଞ) ବାସଗୃହକୁ ତଦାରଖ ଓ ନିୟନ୍ତ୍ରଣ କରିବା, ଏବଂ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ, ଗବେଷକ, ପ୍ରଶିକ୍ଷାର୍ଥୀ ଓ ସବୁ ବର୍ଗର କର୍ମଚାରୀମାନଙ୍କ ଶୃଙ୍ଖଳାକୁ ନିୟନ୍ତ୍ରଣାଧୀନରେ ରଖିବା ଓ ସେହି କର୍ମଚାରୀମାନଙ୍କ ଲାଗି ସେବା ସର୍ତ୍ତାବଳୀ ସହିତ ସେମାନଙ୍କର ଆଚରଣ ବିଧି ସ୍ଥିର କରିବା;

(ଟ) ଶିକ୍ଷାଦାନ ତଥା ପ୍ରଶାସନିକ ବ୍ୟବସ୍ଥା ଓ ଅନ୍ୟାନ୍ୟ କାର୍ଯ୍ୟଲାଗି କର୍ମଚାରୀ ଏବଂ ଅନ୍ୟାନ୍ୟ ଆବଶ୍ୟକୀୟ ପଦମାନ ସୃଷ୍ଟି କରିବା;

(ଠ) ବିଶ୍ୱବିଦ୍ୟାଳୟ ସମୟକୁ ସମୟ ଯେପରି ସ୍ଥିର କରିବ, ସେପରି ରୀତି ଓ ସେପରି ଉଦ୍ଦେଶ୍ୟରେ ଅନ୍ୟାନ୍ୟ ଘରୋଇ

ଓ ଦେଶ ବାହାରେ ଥିବା ବିଶ୍ୱବିଦ୍ୟାଳୟ ଓ ଅନୁଷ୍ଠାନଗୁଡ଼ିକ ସହିତ ସହଯୋଗ ସ୍ଥାପନ କରିବା;

(ଡ଼) ଶିକ୍ଷକ, ଉନ୍ନୟନକାରୀ ସଂସ୍ଥା, ପାଠ୍ୟକ୍ରମ ପ୍ରସ୍ତୁତକାରୀ, ମୂଲ୍ୟାୟନକାରୀ ତଥା ଅନ୍ୟାନ୍ୟ ଶିକ୍ଷାଦାନ କର୍ମଚାରୀମାନଙ୍କ ଲାଗି ସତେଜକ (ରିଫ୍ରେସର) ପାଠ୍ୟକ୍ରମ, ଓରିଏଣ୍ଟସନ ପାଠ୍ୟକ୍ରମ, କର୍ମଶାଳା, ସେମିନାର ତଥା ଅନ୍ୟାନ୍ୟ କାର୍ଯ୍ୟକ୍ରମ ମାନ ଆୟୋଜନ କରିବା;

(ଢ଼) ବିଦ୍ୟାପରିଷଦର ଅନୁମୋଦନ କ୍ରମେ ବିଶ୍ୱବିଦ୍ୟାଳୟରେ ନାମ ଲେଖାଲାଗି ନୀତିନିୟମ ନିର୍ଦ୍ଧାରଣ କରିବା;

(ଣ) ବିଶ୍ୱବିଦ୍ୟାଳୟର ଯେକୌଣସି ପାଠ୍ୟକ୍ରମରେ ନାମଲେଖା ଲାଗି ଓଡ଼ିଶା ରାଜ୍ୟର ଛାତ୍ରଛାତ୍ରୀମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବା;

(ତ) ବିଶ୍ୱବିଦ୍ୟାଳୟର ଲକ୍ଷ୍ୟ ହାସଲ ଲାଗି ଯେପରି ଆବଶ୍ୟକ ହୋଇପାରେ ସେପରି ଅନ୍ୟାନ୍ୟ ସମସ୍ତ କାର୍ଯ୍ୟ ବା ବିଷୟ କାର୍ଯ୍ୟକାରୀ କରିବା;

(ଥ) ସ୍ନାତକ ଡିଗ୍ରି, ସ୍ନାତକୋତ୍ତର ଡିଗ୍ରି, ଦର୍ଶନ ଶାସ୍ତ୍ରରେ ଡକ୍ଟରେଟ୍ ଡିଗ୍ରି, ଦର୍ଶନଶାସ୍ତ୍ରରେ ମାଷ୍ଟର ଡିଗ୍ରି ଏବଂ ସେପରି ଅନ୍ୟାନ୍ୟ ଡିଗ୍ରି, ଡିପ୍ଲୋମା, ଟ୍ରଟରସ, ପଦବୀ ଓ ପ୍ରମାଣପତ୍ର ପାଇଁ ଯେପରି ଆବଶ୍ୟକ ହୋଇପାରେ ସେପରି ପାଠ୍ୟକ୍ରମ ବିହିତ କରିବା;

(ଦ) ଶିକ୍ଷାଦାନ ସମ୍ୱନ୍ଧୀୟ ଉପକରଣ ସମେତ ଫିଲ୍ମ, କ୍ୟାସେଟ୍, ଟେପ୍, ଭିଡିଓକ୍ୟାସଟେ, କମ୍ପାକ୍ଟ ଡିସ୍କ, ଭିଜୁଆଲ କମ୍ପାକ୍ଟ ଡିସ୍କ ଓ ଅନ୍ୟାନ୍ୟ ସଫ୍ଟଓ୍ୟାୟାର ଇତ୍ୟାଦି ପ୍ରସ୍ତୁତି ଲାଗି ବ୍ୟବସ୍ଥା କରିବା;

(ଧ) ବିଶ୍ୱବିଦ୍ୟାଳୟର ପରୀକ୍ଷା ବା ପାଠପଢ଼ାର ପିରିଅଡଗୁଡ଼ିକ ସହିତ ସମତୁଲ୍ୟ ଅନ୍ୟାନ୍ୟ ବିଶ୍ୱବିଦ୍ୟାଳୟ, ଅନୁଷ୍ଠାନ ବା ଉଚ୍ଚଶିକ୍ଷା ପ୍ରଦାନକାରୀ ଅନ୍ୟାନ୍ୟ ଅନୁଷ୍ଠାନ ଗୁଡ଼ିକରେ ପରୀକ୍ଷା ବା ପାଠପଢ଼ାର ପରିଅଡକୁ ସଂପୂର୍ଣ୍ଣଭାବେ ହେଉ କି ଆଂଶିକଭାବେ ହେଉ ସ୍ୱୀକୃତି ପ୍ରଦାନ କରିବା ଓ ଯେକୌଣସି ସମୟରେ ତାହା ପ୍ରତ୍ୟାହାର କରିବା;

(ନ) ନିୟନ୍ତ୍ରକ ମଣ୍ଡଳୀଙ୍କ ଅନୁମୋଦନ କ୍ରମେ, ପ୍ରତିଭୂ(ସିକ୍ୟୁରିଟି) ରଖି ବା ନରଖି ବିଶ୍ୱବିଦ୍ୟାଳୟ ଉଦ୍ଦେଶ୍ୟରେ ଅର୍ଥ ଉଠାଇବା, ସଂଗ୍ରହ କରିବା, ଚାନ୍ଦା ଦେବା ଓ ଋଣ କରିବା;

(ପ) ଚୁକ୍ତି କରିବା, ତାହା କାର୍ଯ୍ୟକାରୀ, ପରିବର୍ତ୍ତନ ବା ବାତିଲ କରିବା;

(ଫ) ବିଭିନ୍ନ ପରିକଳ୍ପନା, ପରିଯୋଜନା ଓ ନିର୍ଦ୍ଦିଷ୍ଟ ବିଷୟରେ ଗବେଷଣା ଓ ଅଧ୍ୟୟନ ନିମନ୍ତେ ବେସରକାରୀ ସଂସ୍ଥାଗୁଡ଼ିକ ଠାରୁ ଅନୁଦାନ ଗ୍ରହଣ କରିବା;

(ବ) ଉପରୋକ୍ତ କ୍ଷମତାମାନ ପ୍ରୟୋଗ କରିବା ଲାଗି ଯେପରି ଆବଶ୍ୟକ ବା ସମୀଚୀନ ମନେ ହେବ ସେପରି ଅନ୍ୟ ସମସ୍ତ ବିଷୟ କରିବା ।

7. ବିଶ୍ୱବିଦ୍ୟାଳୟ ସବୁ ବର୍ଗର ବ୍ୟକ୍ତିଙ୍କ ଲାଗି ଉନ୍ମୁକ୍ତ ରହିବ ଓ ଲିଙ୍ଗ, ଜାତି, ସଂପ୍ରଦାୟ, ଧର୍ମ, ବର୍ଣ୍ଣ ଓ ବାସସ୍ଥାନ ଆଧାରରେ କାହାରି ପ୍ରତି ବାଛବିଚାର କରାଯିବ ନାହିଁ । ଧାର୍ମିକ ବିଶ୍ୱାସ ବା ଅନ୍ୟ କୌଣସି ବୃତ୍ତିଗତ କାରଣରୁ କୌଣସି ବ୍ୟକ୍ତିଙ୍କୁ ବିଶ୍ୱବିଦ୍ୟାଳୟରେ ଶିକ୍ଷକରୂପେ ବା ଅନ୍ୟ କୌଣସି ପଦରେ ନିଯୁକ୍ତି ଦେବାଲାଗି ବା ବିଦ୍ୟାର୍ଥୀ ଭାବେ ବିଶ୍ୱବିଦ୍ୟାଳୟରେ ନାମ ଲେଖାଲାଗି କିମ୍ବା କୌଣସି ପ୍ରକାରର ସୁବିଧା ସୁଯୋଗ ଉପଭୋଗ ବା ପ୍ରୟୋଗ କରିବା ଲାଗି ଯେକୌଣସି ପ୍ରକାରର ପରୀକ୍ଷା କରାଇବା, ବିଶ୍ୱବିଦ୍ୟାଳୟ ପକ୍ଷରେ ବିଧି ସମ୍ମତ ହେବ ନାହିଁ:

ପରନ୍ତୁ ଛାତ୍ରଛାତ୍ରୀମାନଙ୍କୁ ନାମ ଲେଖା ଉଦ୍ଦେଶ୍ୟରେ ଅନୁଷ୍ଠିତ ପରୀକ୍ଷା ଓ ସାକ୍ଷାତ୍କାରେ ସର୍ବନିମ୍ନ ମାନର ଯୋଗ୍ୟତା ପ୍ରତି ସାପେକ୍ଷ ହୋଇ, ଓଡ଼ିଶାର ଛାତ୍ରଛାତ୍ରୀମାନଙ୍କ ଲାଗି ବିଶ୍ୱବିଦ୍ୟାଳୟ ଶତକଡ଼ା ପଚାଶ ଭାଗ ସ୍ଥାନ ସଂରକ୍ଷଣ କରିବା ଲାଗି ବ୍ୟବସ୍ଥା କରିବ:

ଅଧିକନ୍ତୁ ଆବଶ୍ୟକ ସଂଖ୍ୟକ ଓଡ଼ିଶାର ଛାତ୍ରଛାତ୍ରୀ ନ ମିଳିଲେ, ଖାଲି ପଡିଥିବା କୌଣସି ସ୍ଥାନ, ରାଜ୍ୟ ସରକାରଙ୍କ ପୂର୍ବ ଅନୁମତି କ୍ରମେ ଅନ୍ୟ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପୂରଣ କରାଯାଇ ପାରିବ ।

ଜାତୀୟ ଅଧିସ୍ୱୀକୃତି ।

8\. (1) ବିଶ୍ୱବିଦ୍ୟାଳୟ, ସଂପୃକ୍ତ ଜାତୀୟ ଅଧିସ୍ୱୀକୃତ ନିକାୟ ଗୁଡିକଠାରୁ ଅଧିସ୍ୱୀକୃତି ପାଇବା ପାଇଁ ଆବେଦନ କରିବ ଓ ତାହା ହାସଲ କରିବ ତଥା ବଜାୟ ରଖିବ ଏବଂ ତାହା ବେସରକାରୀ ବିଶ୍ୱବିଦ୍ୟାଳୟ ସଂକ୍ରାନ୍ତରେ ସମୟକୁ ସମୟ ତଦଧୀନ ପ୍ରଣୀତ ବିନିୟମାବଳୀ ଓ ମାର୍ଗଦର୍ଶୀ ନୀତି ପ୍ରତି ସାପେକ୍ଷ ହେବ ।

(2) ସ୍ନାତକ ବା ସ୍ନାତକୋତ୍ତର ଡିଗ୍ରି ପ୍ରଦାନ କରିବା ପାଇଁ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଗୁଡିକ ପାଇଁ ବିଶ୍ୱବିଦ୍ୟାଳୟ ସଂପୃକ୍ତ ନିୟାମକ ନିକାୟ ଗୁଡିକ ଠାରୁ ପୂର୍ବ ଅନୁମତି ବା ସ୍ୱୀକୃତି ଆଣିବ ।

(3) ବୈଷୟିକ ଶିକ୍ଷା ସଂପର୍କିତ ଅନ୍ୟାନ୍ୟ କାର୍ଯ୍ୟକ୍ରମଗୁଡ଼ିକ ସଂକ୍ରାନ୍ତରେ ଅନୁମୋଦନ ବା ସ୍ୱୀକୃତି ଲାଭ କରିବାପାଇଁ ବା ମାନକ ବଜାୟ ରଖିବା ଲାଗି ସଂପୃକ୍ତ ବିଧି, ନିୟମାବଳୀ, ବିନିୟମାବଳୀରେ ଯେଉଁ ସବୁ ବ୍ୟବସ୍ଥା ରହିଛି, ତାହା ବିଶ୍ୱବିଦ୍ୟାଳୟ ପ୍ରତି ପ୍ରଯୋଜ୍ୟ ହେବ ।

## ଅଧ୍ୟାୟ - III

## ବିଶ୍ୱବିଦ୍ୟାଳୟର କୁଳାଧିପତି ଓ ଅଧିକାରୀ ବୃନ୍ଦ

କୁଳାଧିପତି ।

9. (1) ପ୍ରଯୋଜକ ନିକାୟର ସଭାପତି ବା ତାଙ୍କର ନିକଟ ସଂପର୍କୀୟଙ୍କ ବ୍ୟତୀତ ଅନ୍ୟ କୌଣସି ପ୍ରଖ୍ୟାତ ଶିକ୍ଷାବିତ୍ ବା ସମାଜର ଜଣେ ସୁପ୍ରତିଷ୍ଠିତ ବ୍ୟକ୍ତି ବିଶ୍ୱବିଦ୍ୟାଳୟର କୁଳାଧିପତି ହେବେ ।

(2) ନିୟନ୍ତ୍ରକ ମଣ୍ଡଳୀଙ୍କ ଅନୁମୋଦନ କ୍ରମେ, ପ୍ରଯୋଜକ ନିକାୟର ସଭାପତିଙ୍କ ଦ୍ୱାରା କୁଳାଧିପତି ନିଯୁକ୍ତ ହେବେ ଓ ସେ ତିନି ବର୍ଷ ଅବଧି ନିମନ୍ତେ ପଦରେ ରହିବେ ଏବଂ ତାଙ୍କ କାର୍ଯ୍ୟକାଳ ସମାପ୍ତ ହେବା ପରେ ସେ ପରବର୍ତ୍ତୀ କାର୍ଯ୍ୟକଳ ଗୁଡିକ ନିମନ୍ତେ କୁଳାଧିପତି ରୂପେ ନିଯୁକ୍ତି ପାଇବା ପାଇଁ ଯୋଗ୍ୟ ବିବେଚିତ ହେବେ ।

(3) ଡିଗ୍ରି, ଡିପ୍ଲୋମା, ଋଟରସ୍, ଉପାଧି ଓ ପ୍ରମାଣପତ୍ର ପ୍ରଦାନ ଲାଗି ଅନୁଷ୍ଠିତ ହେଉଥିବା ସମାବର୍ତ୍ତନ ଉତ୍ସବ ସମୟରେ କୁଳାଧିପତି ଉପସ୍ଥିତ ଥିଲେ, ସେ ଉକ୍ତ ଉତ୍ସବରେ ଅଧକ୍ଷତା କରିବେ ।

(4) କାନୁନ୍‌ରେ ଥିବା ପ୍ରକ୍ରିୟା ଅନୁସାରେ କୁଳାଧିପତି ନିମ୍ନଲିଖିତ କ୍ଷମତାମାନ ପ୍ରୟୋଗ କରିବେ ଯଥା:–

(କ) ବିଶ୍ୱବିଦ୍ୟାଳୟର ବ୍ୟାପାର ସଂପର୍କିତ ଯେ କୌଣସି କାଗଜ ପତ୍ର ବା ସୂଚନା ମାଗିବା; ଏବଂ

(ଖ) କୁଳାଧିପତିଙ୍କୁ ମିଳିଥିବା ସୂଚନାକୁ ଭିତ୍ତିକରି ଯଦି ତାଙ୍କର ହୃଦ୍‌ବୋଧ ହୁଏ ଯେ, ବିଶ୍ୱବିଦ୍ୟାଳୟର ନିୟନ୍ତ୍ରକ ମଣ୍ଡଳୀ ଭିନ୍ନ ଅନ୍ୟ କୌଣସି କର୍ତ୍ତୃପକ୍ଷଙ୍କ ଦ୍ୱାରା ନିଆଯାଇଥିବା କୌଣସି ଆଦେଶ, କାର୍ଯ୍ୟବିଧି ବା ନିଷ୍ପତ୍ତି, ଏହି ଅଧିନିୟମ କାନୁନ୍ ବା ନିୟମାବଳୀ ଅନୁସାରେ ହୋଇନାହିଁ, ତେବେ ବିଶ୍ୱବିଦ୍ୟାଳୟର ହିତ ଦୃଷ୍ଟିରୁ ସେ ଯେପରି ଉପଯୁକ୍ତ ବିବେଚନା କରିବେ କୁଳପତିଙ୍କୁ ସେପରି ପରାମର୍ଶ ଦେଇପାରିବେ ଏବଂ କୁଳାଧିପତିଙ୍କ ସେପରି ପରାମର୍ଶକୁ ଆଧାର କରି କୁଳପତି ସେ

ସଂକ୍ରାନ୍ତରେ ନିଷ୍ପତ୍ତି ନେବେ ଏବଂ ତାହାକୁ ସଂପୃକ୍ତ ସମସ୍ତେ ଅନୁପାଳନ କରିବେ ।

ବିଶ୍ୱବିଦ୍ୟାଳୟର ଅଧିକାରୀ ବୃନ୍ଦ ।

**10.** ନିମ୍ନଲିଖିତ ବ୍ୟକ୍ତିମାନେ ବିଶ୍ୱବିଦ୍ୟାୟର ଅଧିକାରୀ ହେବେ ଯଥା:–

(କ) ଚେୟାରମ୍ୟାନ୍;

(ଖ) କୁଳାଧିପତି;

(ଗ) କୁଳପତି;

(ଘ) ରେଜିଷ୍ଟ୍ରାର;

(ଙ) ବିଭିନ୍ନ ବିଦ୍ୟାଳୟର ଡିନ୍;

(ଚ) ଅର୍ଥ ନିୟନ୍ତ୍ରକ;

(ଛ) ପରୀକ୍ଷା ନିୟନ୍ତ୍ରକ: ଏବଂ

(ଜ) ବିଶ୍ୱବିଦ୍ୟାଳୟର ଅଧିକାରୀ ଭାବେ କାନୁନ୍ ଦ୍ୱାରା ଯେପରି ଘୋଷଣା କରାଯାଇପାରେ, ସେପରି ଅନ୍ୟାନ୍ୟ ଅଧିକାରୀ ବୃନ୍ଦ ।

ଚେୟାରମ୍ୟାନ୍ ଓ ତାହାଙ୍କ କ୍ଷମତା ।

11. (1) ପ୍ରଯୋଜକ ନିକାୟର ସଭାପତି ବିଶ୍ୱବିଦ୍ୟାଳୟର ଚେୟାରମ୍ୟାନ୍ ହେବେ ।

(2) ଚେୟାରମ୍ୟାନ୍ ଅନୁପସ୍ଥିତ ଥିବା ସମୟରେ ଲିଖିତ ଆଦେଶ ଦ୍ୱାରା କୁଳାଧିପତି, କୁଳପତି ବା ନିୟନ୍ତ୍ରକ ମଣ୍ଡଳୀର ଅନ୍ୟ ଯେ କୌଣସି ବ୍ୟକ୍ତିଙ୍କୁ ବିଶ୍ୱବିଦ୍ୟାଳୟର ଚେୟାରମ୍ୟାନ୍ ରୂପେ କାର୍ଯ୍ୟ କରିବା ପାଇଁ ପଦନାମିତ କରିପାରିବେ ଯେ କି ଉକ୍ତ ଆଦେଶରେ ଉଲ୍ଲିଖିତ ହୋଇଥିବା ସେପରି କାଳାବଧି ପାଇଁ କାର୍ଯ୍ୟ କରିବେ ଏବଂ ସେପରି କୃତ୍ୟ ଓ ଦାୟିତ୍ୱ ନିର୍ବାହ କରିବେ ଏବଂ ପଦାନାମିତ ଚେୟାରମ୍ୟାନ୍ ଭାବେ ନାମିତ ହେବେ ।

(3) ଉପ-ଧାରା (2) ରେ ସୂଚିତ ଚେୟାରମ୍ୟାନ୍ ବା ପଦ-ନାମିତ ଚେୟାରମ୍ୟାନ୍, ନିୟନ୍ତ୍ରକ ମଣ୍ଡଳୀର ବୈଠକରେ ଅଧକ୍ଷତା କରିବେ ଏବଂ କୁଳାଧିପତିଙ୍କ ଅନୁପସ୍ଥିତରେ ଚେୟାରମ୍ୟାନ୍, ବିଶ୍ୱବିଦ୍ୟାଳୟର ଡିଗ୍ରି, ଡିପ୍ଲୋମା, ଉପାଧି ବା ପ୍ରମାଣପତ୍ର ପ୍ରଦାନ ଲାଗି ଅନୁଷ୍ଠିତ ସମାବର୍ତ୍ତନ ଉତ୍ସବରେ ଅଧକ୍ଷତା କରିବେ ।

(4) ଚେୟାରମ୍ୟାନଙ୍କର ନିମ୍ନୋକ୍ତ କ୍ଷମତାମାନ ରହିବ, ଯଥା:-

(କ) ଯେ କୌଣସି ସୂଚନା ବା ରେକର୍ଡପତ୍ର ମଗାଇବା;

(ଖ) ନିୟନ୍ତ୍ରକ ମଣ୍ଡଳୀ ସହିତ ପରାମର୍ଶ କ୍ରମେ କୁଳାଧିପତି ବା କୁଳପତିଙ୍କୁ ନିଯୁକ୍ତି ଦେବା ଓ ତାହାଙ୍କୁ କାର୍ଯ୍ୟରୁ ବହିଷ୍କାର କରିବା; ଏବଂ

(ଗ) ଅଧିନିୟମ ବା ତଦଧୀନ ପ୍ରଣୀତ କାନୁନ୍ ଦ୍ୱାରା ତାହାଙ୍କୁ ଅର୍ପଣ କରାଯିବା ଅନ୍ୟାନ୍ୟ କ୍ଷମତା ପ୍ରୟୋଗ କରିବା ।

(5) ପଦନାମିତ ଚେୟାରମ୍ୟାନଙ୍କ ଦ୍ୱାରା ଲିଖିତାକାରରେ ନିର୍ଦ୍ଦିଷ୍ଟ ଭାବେ ଅର୍ପଣ କରାଯାଇଥିବା ସମସ୍ତ କୃତ୍ୟ ସଂପାଦନ କରିବେ ଓ ସମସ୍ତ କ୍ଷମତା ପ୍ରୟୋଗ କରିବେ ।

କୁଳପତି ।

12. 1) ନିୟନ୍ତ୍ରକ ମଣ୍ଡଳୀଙ୍କ ଅନୁମୋଦନ କ୍ରମେ ଚେୟାରମ୍ୟାନ୍‌ଙ୍କ ଦ୍ୱାରା କୁଳପତି ନିଯୁକ୍ତ ହେବେ ଓ ସେ ତିନି ବର୍ଷ ଅବଧି ପାଇଁ ତାହାଙ୍କ ପଦରେ ରହିବେ ଏବଂ ତାହାଙ୍କ କାର୍ଯ୍ୟକାଳ ପୂରିଯିବା ପରେ, ସେ ତିନିବର୍ଷରୁ ଅଧିକ ହେଉନଥିବା ଆଉ ଏକ କାର୍ଯ୍ୟକାଳ ସକାଶେ ପୁନର୍ବାର ନିଯୁକ୍ତି ପାଇବା ପାଇଁ ଯୋଗ୍ୟ ହେବେ ।

2) କୁଳପତି, ବିଶ୍ୱବିଦ୍ୟାଳୟର ମୁଖ୍ୟ କାର୍ଯ୍ୟନିର୍ବାହୀ ତଥା ଶୈକ୍ଷିକ ଅଧିକାରୀ ହେବେ ଏବଂ ସେ ବିଶ୍ୱବିଦ୍ୟାଳୟର କାର୍ଯ୍ୟକଳାପ ଉପରେ ସାଧାରଣ ପର୍ଯ୍ୟବେକ୍ଷଣ ଓ ନିୟନ୍ତ୍ରଣ ପ୍ରୟୋଗ କରିବେ ଏବଂ ବିଶ୍ୱବିଦ୍ୟାଳର କର୍ତ୍ତୃପକ୍ଷମାନଙ୍କର ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବେ ।

3) କୁଳପତିଙ୍କ ମତରେ ଯଦି ଏହି ଅଧିନିୟମ ଦ୍ୱାରା ବା ତଦନୁଯାୟୀ ଅନ୍ୟ ଯେ କୌଣସି କର୍ତ୍ତୃପକ୍ଷଙ୍କୁ ଯେଉଁ ବିଷୟରେ କ୍ଷମତା ଅର୍ପଣ କରାଯାଇଛି, ସେହି ବିଷୟରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆବଶ୍ୟକ, ତେବେ ସେପରି ସ୍ଥଳେ, ସେ ଯେପରି ସମୀଚୀନ ମନେ କରିବେ ସେପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବେ ଏବଂ ତାହାପରେ ଯଥା ସମ୍ଭବ ଶୀଘ୍ର, ଉକ୍ତ ବିଷୟରେ ସାଧାରଣ କ୍ରମରେ କାର୍ଯ୍ୟାନୁଷ୍ଠାନ ନେବାକୁ ଥିବା ସେପରି ଅଧିକାରୀ ବା କର୍ତ୍ତୃପକ୍ଷଙ୍କୁ ତାହାଙ୍କ ଦ୍ୱାରା ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ସଂପର୍କରେ ଜଣାଇବେ;

ପରନ୍ତୁ ଯଦି ସଂପୃକ୍ତ କର୍ତ୍ତୃପକ୍ଷ ସେପରି କାର୍ଯ୍ୟାନୁଷ୍ଠାନ କୁଳପତିଙ୍କ ଦ୍ୱାରା ନିଆଯିବା ଉଚିତ୍ ହୋଇନାହିଁ ବୋଲି ବିବେଚନା କରନ୍ତି, ତେବେ ତାହା ଚେୟାରମ୍ୟାନ୍‌ଙ୍କ ନିକଟକୁ ପଠାଯିବ ଓ ସେ ବିଷୟରେ ତାହାଙ୍କ ନିଷ୍ପତ୍ତି ଚୂଡାନ୍ତ ହେବ:

ଅଧିକନ୍ତୁ ଯଦି କୁଳପତିଙ୍କ ଦ୍ୱାରା ନିଆଯାଇଥିବା ସେପରି କୌଣସି କାର୍ଯ୍ୟାନୁଷ୍ଠାନ ଦ୍ୱାରା ବିଶ୍ୱବିଦ୍ୟାଳୟ ସେବାର ଥିବା କୌଣସି ବ୍ୟକ୍ତି ପ୍ରଭାବିତ ହୁଅନ୍ତି, ତେବେ ସେ ସେପରି କାର୍ଯ୍ୟାନୁଷ୍ଠାନ ସଂପର୍କରେ ଯେଉଁ ତାରିଖରେ ତାଙ୍କୁ ଜଣାଇ ଦିଆଯାଇଥିବ, ସେହି ତାରିଖଠାରୁ ତିନି ମାସ ମଧ୍ୟରେ ନିୟନ୍ତ୍ରକ ମଣ୍ଡଳୀଙ୍କ ନିକଟରେ ଉକ୍ତ କାର୍ଯ୍ୟାନୁଷ୍ଠାନ ବିରୁଦ୍ଧରେ ଅପିଲ ଦାଏର କରିବା ପାଇଁ ହକ୍‌ଦାର ହେବେ ଏବଂ ନିୟନ୍ତ୍ରକ ମଣ୍ଡଳୀ, କୁଳପତିଙ୍କ ଦ୍ୱାରା ନିଆଯାଇଥିବା କାର୍ଯ୍ୟାନୁଷ୍ଠାନକୁ କାଏମ୍ ରଖିପାରିବେ, ମାର୍ଜିତ କରିପାରିବେ ବା ବଦଳାଇ ପାରିବେ ।

4) ଯଦି କୁଳପତିଙ୍କ ମତରେ ବିଶ୍ୱବିଦ୍ୟାଳୟର କୌଣସି କର୍ତ୍ତୃପକ୍ଷଙ୍କର କୌଣସି ନିଷ୍ପତ୍ତି ଏହି ଅଧିନିୟମ, କାନୁନ୍ ଦ୍ୱାରା ଅର୍ପିତ କ୍ଷମତାର ବାହାରେ ନିଆଯାଇଥାଏ ବା ତଦ୍ୱାରା ବିଶ୍ୱବିଦ୍ୟାଳୟ ସ୍ୱାର୍ଥ ପ୍ରତି ପ୍ରତିକୂଳ ପ୍ରଭାବ ପକାଇବାର ସମ୍ଭାବନା ଥାଏ, ତେବେ ସେ ସଂପୃକ୍ତ କର୍ତ୍ତୃପକ୍ଷଙ୍କୁ ତାହାଙ୍କ ଦ୍ୱାରା ନିଆଯାଇଥିବା ନିଷ୍ପତ୍ତିର ତାରିଖଠାରୁ ସାତ ଦିନ ମଧ୍ୟରେ ତାହାକୁ ସଂଶୋଧନ କରିବା ଲାଗି ଅନୁରୋଧ କରିବେ ଏବଂ ଯଦି ସଂପୃକ୍ତ କର୍ତ୍ତୃପକ୍ଷ ସେପରି ନିଷ୍ପତ୍ତିକୁ ସାତ ଦିନ ମଧ୍ୟରେ ସଂପୂର୍ଣ୍ଣରୂପେ ବା ଆଂଶିକ ରୂପେ ସଂଶୋଧନ କରିବାକୁ ପ୍ରତ୍ୟାଖାନ କରନ୍ତି ବା ସେ ବିଷୟରେ ଅନ୍ୟ କୌଣସି ନିଷ୍ପତ୍ତି ନ ନିଅନ୍ତି, ତେବେ ଚେୟାରମ୍ୟାନ୍‌ଙ୍କ ନିକଟକୁ ପଠାଯିବ ଓ ସେ କୁଳାଧିପତିଙ୍କ ସହ ପରାମର୍ଶ କ୍ରମେ ଯେଉଁ ନିଷ୍ପତ୍ତି ନେବେ, ତାହା ଚୂଡାନ୍ତ ହେବ ।

5) କାନୁନ୍ ବା ନିୟମାବଳୀ ଦ୍ୱାରା ଯେପରି ବିହିତ କରାଯାଇପାରେ କୁଳପତି ସେପରି ଅନ୍ୟାନ୍ୟ କ୍ଷମତା ପ୍ରୟୋଗ କରିବେ ଓ ସେପରି ଅନ୍ୟାନ୍ୟ କ୍ଷମତା ପ୍ରୟୋଗ କରିବେ ଓ ସେପରି ଅନ୍ୟାନ୍ୟ କର୍ତ୍ତବ୍ୟ ସଂପାଦନ କରିବେ ।

6) ଡିଗ୍ରି, ଡିପ୍ଲୋମା, ଲେଟରସ୍, ଉପାଧି ଓ ପ୍ରମାଣପତ୍ର ଅର୍ପଣ ନିମନ୍ତେ ସମାବର୍ତ୍ତନ ଉତ୍ସବରେ ଉଭୟ କୁଳାଧିପତି ଓ ଚେୟାରମ୍ୟାନ୍ ଅନୁପସ୍ଥିତ ଥିଲେ କୁଳପତି ସେଥିରେ ସଭାପତିତ୍ୱ କରିବେ ।

7) ଯଥୋଚିତ ତଦନ୍ତ କରିବାପରେ କୁଳପତିଙ୍କୁ ତାହାଙ୍କ କାର୍ଯ୍ୟରୁ ବହିଷ୍କାର କରିବା ଲାଗି ଚେୟାରମ୍ୟାନ୍ କ୍ଷମତାପନ୍ନ ଅଟନ୍ତି ଏବଂ ଦୋଷାରୋପର ଗୁରୁତ୍ୱକୁ ଦୃଷ୍ଟିରେ ରଖି ସେପରି ତଦନ୍ତ ଚାଲୁ ରହିଥିଲା ବେଳେ ଚେୟାରମ୍ୟାନ୍ ଉଚିତ୍ ମନେ କଲେ, କୁଳପତିଙ୍କୁ କାର୍ଯ୍ୟରୁ ନିଲମ୍ବନ କରିପାରିବେ:

ରେଜିଷ୍ଟ୍ରାର ।

13. (1) ଯେପରି ବିହିତ ହୋଇପାରେ ସେପରି ରୀତିରେ ନିୟନ୍ତ୍ରକ ମଣ୍ଡଳୀଙ୍କ ଅନୁମୋଦନ କ୍ରମେ କୁଳପତିଙ୍କ ଦ୍ୱାରା ରେଜିଷ୍ଟ୍ରାରଙ୍କୁ ନିଯୁକ୍ତି କରାଯିବ ।

(2) ବିଶ୍ୱବିଦ୍ୟାଳୟ ତରଫରୁ ରେଜିଷ୍ଟ୍ରାରଙ୍କ ଦ୍ୱାରା ସମସ୍ତ ଚୁକ୍ତି ସ୍ୱାକ୍ଷରିତ ହେବ ଏବଂ ସମସ୍ତ ଦସ୍ତାବିଜ୍ ଓ ରେକର୍ଡ ଅଧିପ୍ରମାଣିତ ହେବ ।

(3) ନିୟନ୍ତ୍ରକ ମଣ୍ଡଳୀଙ୍କ ଦ୍ୱାରା ସମୟକୁ ସମସ୍ତ ଯେପରି ବିହିତ କରାଯାଇପାରେ ବା ଯେପରି ଆବଶ୍ୟକ ହୋଇପାରେ, ରେଜିଷ୍ଟ୍ରାର ସେପରି ଅନ୍ୟାନ୍ୟ ସମସ୍ତ କ୍ଷମତା ପ୍ରୟୋଗ କରିବେ ଓ ଅନ୍ୟାନ୍ୟ ସମସ୍ତ କୃତ୍ୟ ସଂପାଦନ କରିବେ ।

(4) ରେଜିଷ୍ଟ୍ରାର, ବିଶ୍ୱବିଦ୍ୟାଳୟର ସମସ୍ତ ରେକର୍ଡପତ୍ର ଓ ସାଧାରଣ ମୋହର ନିରାପଦରେ ରଖିବା ଲାଗି ଦାୟୀ ରହିବେ ଏବଂ ବିଶ୍ୱବିଦ୍ୟାଳୟର କାର୍ଯ୍ୟକଳାପ ସଂପାଦନରେ ଯେପରି ଆବଶ୍ୟକ ହୋଇପାରେ ସେପରି ସମସ୍ତ ପ୍ରକାର ସୂଚନା ଓ ଦସ୍ତାବିଜମାନ ଚେୟାରମ୍ୟାନ୍, କୁଳାଧିପତି, କୁଳପତି ବା ଅନ୍ୟ କୌଣସି କର୍ତ୍ତୃପକ୍ଷଙ୍କ ସମକ୍ଷରେ ଉପସ୍ଥାପନ କରିବାକୁ ବାଧ ହେବେ ।

ବିଦ୍ୟାଳୟର ଡିନ୍ ।

14. ଯେପରି ବିହିତ ହେବ, ସେପରି ରୀତିରେ କୁଳପତିଙ୍କ ଦ୍ୱାରା ବିଦ୍ୟାଳୟ ଗୁଡ଼ିକର ଡିନ୍ ମାନଙ୍କୁ ନିଯୁକ୍ତି ଦିଆଯିବ ଓ ସେମାନେ ସେପରି କ୍ଷମତା ପ୍ରୟୋଗ କରିବେ ଓ ସେପରି କୃତ୍ୟ ସଂପାଦନ କରିବେ ।

**ଅର୍ଥ ନିୟନ୍ତ୍ରକ ।**

15. ଯେପରି ବିହିତ ହୋଇପାରେ ନିୟନ୍ତ୍ରକ ମଣ୍ଡଳୀ ଦ୍ୱାରା ସେପରି ରୀତିରେ ଅର୍ଥ ନିୟନ୍ତ୍ରକଙ୍କୁ ନିଯୁକ୍ତ କରାଯିବ ଓ ସେ ସେପରି କ୍ଷମତା ପ୍ରୟୋଗ କରିବେ ତଥା ସେପରି କୃତ୍ୟ ସଂପାଦନ କରିବେ ।

**ପରୀକ୍ଷା ନିୟନ୍ତ୍ରକ ।**

16. ଯେପରି ବିହିତ ହୋଇପାରେ କୁଳପତିଙ୍କ ଦ୍ୱାରା ସେପରି ରୀତିରେ ପରୀକ୍ଷା ନିୟନ୍ତ୍ରକଙ୍କୁ ନିଯୁକ୍ତ କରାଯିବ ଓ ସେ ସେପରି କ୍ଷମତା ପ୍ରୟୋଗ କରିବେ ତଥା ସେପରି କୃତ୍ୟ ସଂପାଦନ କରିବେ ।

**ଅନ୍ୟାନ୍ୟ ଅଧିକାରୀ ।**

17. ଯେପରି ବିହିତ ହୋଇପାରେ ବିଶ୍ୱବିଦ୍ୟାଳୟର ଅନ୍ୟାନ୍ୟ ଅଧିକାରୀମାନଙ୍କର ନିଯୁକ୍ତି ପ୍ରଣାଳୀ, ସେବାର ନିବନ୍ଧନ ଓ ସର୍ତ୍ତାବଳୀ ଏବଂ କ୍ଷମତା, କର୍ତ୍ତବ୍ୟ ଓ କୃତ୍ୟ ସେପରି ହେବ ।

## ଅଧ୍ୟାୟ - IV

### ବିଶ୍ୱବିଦ୍ୟାଳୟର କର୍ତ୍ତୃପକ୍ଷ

ନିମ୍ନଲିଖିତମାନେ ବିଶ୍ୱବିଦ୍ୟାଳୟର କର୍ତ୍ତୃପକ୍ଷ ହେବେ, ଯଥା:-

ବିଶ୍ୱବିଦ୍ୟାଳୟର କର୍ତ୍ତୃପକ୍ଷ ।

18. (କ) ନିୟନ୍ତ୍ରଣ ମଣ୍ଡଳୀ;
(ଖ) ବିଦ୍ୟା ପରିଷଦ;
(ଗ) ଅର୍ଥ କମିଟି; ଏବଂ
(ଘ) ବିଶ୍ୱବିଦ୍ୟାଳୟର କର୍ତ୍ତୃପକ୍ଷ ହେବା ଲାଗି କାନୁନ୍ ଦ୍ୱାରା ଯେପରି ଘୋଷଣା କରାଯାଇପାରେ ସେପରି ଅନ୍ୟାନ୍ୟ କର୍ତ୍ତୃପକ୍ଷ ।

ନିୟନ୍ତ୍ରକ ମଣ୍ଡଳୀ ।

19 (1) ନିମ୍ନଲିଖିତ ସଦସ୍ୟମାନଙ୍କୁ ନେଇ ନିୟନ୍ତ୍ରକ ମଣ୍ଡଳୀ ଗଠନ କରାଯିବ, ଯଥା:-
(କ) ଚେୟାରମ୍ୟାନ୍;
(ଖ) କୁଳାଧିପତି;
(ଗ) କୁଳପତି;
(ଘ) ପ୍ରୟୋଜକ ନିକାୟର ଚେୟାରମ୍ୟାନ୍‌ଙ୍କ ଦ୍ୱାରା ମନୋନୀତ ହୋଇଥିବା ପ୍ରୟୋଜକ ନିକାୟର ତିନିଜଣ ପ୍ରତିନିଧି;
(ଙ) ଓଡ଼ିଶା ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗର ଶାସନ ସଚ଼ିବ ଏବଂ ଓଡ଼ିଶା ସରକାରଙ୍କ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ଶାସନ ସଚ଼ିବ-ପଦପ୍ରଯୁକ୍ତ ସଦସ୍ୟ ହେବେ;
(ଚ) ଦୁଇ ଜଣ ଶିକ୍ଷାବିତ୍‌ଙ୍କ ମଧ୍ୟରୁ ଜଣେ ପ୍ରୟୋଜକ ନିକାୟ ଦ୍ୱାରା ଓ ଅନ୍ୟ ଜଣେ ରାଜ୍ୟ ସରକାରଙ୍କ ଦ୍ୱାରା ମନୋନୀତ ହେବେ;
(ଛ) ଅର୍ଥ, ଆଇନ୍, ମ୍ୟାନେଜମେଣ୍ଟ, ଶିକ୍ଷା ବା ସିଭିଲ ସେବା କ୍ଷେତ୍ରରୁ ଦୁଇଜଣ ବିଶାରଦ ଯେଉଁମାନେ କି ରାଜ୍ୟ ସରକାରଙ୍କ ଦ୍ୱାରା ମନୋନୀତ ହେବେ;
(ଜ) କୁଳପତିଙ୍କ ଦ୍ୱାରା ପର୍ଯ୍ୟାୟକ୍ରମେ ମନୋନୀତ ହୋଇଥିବା ବିଶ୍ୱବିଦ୍ୟାଳୟର ଦୁଇ ଜଣ ଡିନ୍; ଯେଉଁମାନଙ୍କ ମଧ୍ୟରୁ ଜଣେ ମହିଳା ହେବେ (ଯଦି

ଉପଲବ୍ଧ ଥାଆନ୍ତି); ଏବଂ

(ଝ) ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର, ଯେ କି ସଦସ୍ୟ ସଚିବ ହେବେ ।

(2) ଚେୟାରମ୍ୟାନ ନିୟନ୍ତ୍ରକ ମଣ୍ଡଳୀର ଚେୟାରମ୍ୟାନ ହେବେ ।

(3) ରେଜିଷ୍ଟ୍ରାର, ନିୟନ୍ତ୍ରକ ମଣ୍ଡଳୀର ପଦ-ପ୍ରଯୁକ୍ତ ସଚିବ ହେବେ ।

(4) ନିୟନ୍ତ୍ରକ ମଣ୍ଡଳୀ, ବିଶ୍ୱବିଦ୍ୟାଳୟର ମୁଖ୍ୟ କାର୍ଯ୍ୟନିର୍ବାହୀ ନିକାୟ ତଥା ମୁଖ୍ୟ ପରିଚାଳନା ନିକାୟ ହେବ ଓ ଉକ୍ତ ମଣ୍ଡଳୀର ନିମ୍ନଲିଖିତ କ୍ଷମତାମାନ ରହିବ, ଯଥା–

(କ) ବିଶ୍ୱବିଦ୍ୟାଳୟ ପରିଚାଳନା ପାଇଁ ନୀତି ନିର୍ଦ୍ଧାରଣ କରିବା;

(ଖ) ବିଶ୍ୱବିଦ୍ୟାଳୟ ଅନ୍ୟାନ୍ୟ କର୍ତ୍ତୃପକ୍ଷମାନଙ୍କର ନିଷ୍ପତ୍ତି ଯଦି ଏହି ଅଧିନିୟମ, ବା କାନୁନ୍ ବା ନିୟମାବଳୀରେ ଥିବା ବ୍ୟବସ୍ଥା ଅନୁସାରେ ହୋଇ ନଥିବ ତାହାକୁ ସମୀକ୍ଷା କରିବା;

(ଗ) ରାଜ୍ୟ ସରକାରଙ୍କ ଅନୁମୋଦନ କ୍ରମେ, ନୂତନ ବା ଅତିରିକ୍ତ କାନୁନ୍ ଓ ନିୟମାବଳୀ ପ୍ରଣୟନ କରିବା ତଥା କାନୁନ ଓ ନିୟମାବଳୀ ସଂଶୋଧନ ବା ନିରସନ କରିବା;

(ଘ) ବିଶ୍ୱବିଦ୍ୟାଳୟର ବଜେଟ ଓ ବାର୍ଷିକ ରିପୋର୍ଟ ଅନୁମୋଦନ କରିବା;

(ଙ) ବିଶ୍ୱବିଦ୍ୟାଳୟରେ ଅଡିଟର ନିଯୁକ୍ତ କରିବା;

(ଚ) ରାଜ୍ୟ ସରକାରଙ୍କ ଅନୁମୋଦନ ନେଇ ବିଶ୍ୱବିଦ୍ୟାଳୟକୁ ସ୍ୱେଚ୍ଛାକୃତଭାବରେ ବନ୍ଦ କରିଦେବା ଲାଗି ନିଷ୍ପତ୍ତି ନେବା;

(ଛ) ରାଜ୍ୟ ସରକାରଙ୍କ ନିକଟରେ ଉପସ୍ଥାପନ କରିବା ପାଇଁ ପ୍ରସ୍ତାବମାନ ଅନୁମୋଦନ କରିବା; ଏବଂ

(ଜ) ବିଶ୍ୱବିଦ୍ୟାଳୟର ଲକ୍ଷ୍ୟ ଯେପରି ଫଳପ୍ରଦଭାବରେ ହାସଲ କରାଯାଇପାରିବ ସେଥିପାଇଁ ଆବଶ୍ୟକ ହେଉଥିବା ସେପରି ନିଷ୍ପତ୍ତି ଓ ପଦକ୍ଷେପମାନ ଗ୍ରହଣ କରିବା ।

(5) ଚେୟାରମ୍ୟାନ ଯେପରି ଉଚିତ୍ ମନେକରିବେ ସେପରି ସମୟରେ ଓ ସେହି ସ୍ଥାନରେ ନିୟନ୍ତ୍ରକ ମଣ୍ଡଳୀର ବୈଠକ ଏକ ପଞ୍ଜି (କ୍ୟାଲେଣ୍ଡର) ବର୍ଷରେ ଅତି କମ୍‌ରେ ଦୁଇଥର ଅନୁଷ୍ଠିତ ହେବ ।

(6) ଏହି ଧାରାରେ ଅନ୍ୟଥା ବ୍ୟବସ୍ଥା ହୋଇଥିବା ବ୍ୟତିରେକ, ନିୟନ୍ତ୍ରକ ମଣ୍ଡଳୀର ମନୋନୀତ ସଦସ୍ୟମାନଙ୍କର କାର୍ଯ୍ୟକାଳ, ସେପରି ମନୋନୟନ ତାରିଖଠାରୁ ତିନି ବର୍ଷ ହେବ ।

ବିଦ୍ୟା ପରିଷଦ ।

20. (1) ବିଦ୍ୟାପରିଷଦ ନିମ୍ନଲିଖିତ ବ୍ୟକ୍ତିମାନଙ୍କୁ ନେଇ ଗଠିତ ହେବ, ଯଥା: –

(କ) କୁଳପତି, ଯେକି, ପଦପ୍ରଯୁକ୍ତ ଚେୟାରମ୍ୟାନ ହେବେ;

(ଖ) ରେଜିଷ୍ଟ୍ରାର ଯେକି, ପଦପ୍ରଯୁକ୍ତ ସଚିବ ହେବେ;

(ଗ) କୁଳପତିଙ୍କ ଦ୍ୱାରା ପର୍ଯ୍ୟାୟକ୍ରମେ ମନୋନୀତ ହେବା ପ୍ରକାରେ ବିଶ୍ୱବିଦ୍ୟାଳୟର ତିନି ଜଣ ଡିନ୍;

(ଘ) କୁଳପତିଙ୍କ ଦ୍ୱାରା ପର୍ଯ୍ୟାୟକ୍ରମେ ମନୋନୀତ ହେବା ପ୍ରକାରେ ବିଶ୍ୱବିଦ୍ୟାଳୟର ଦୁଇଜଣ ବରିଷ୍ଠ ପ୍ରଫେସର ଯେଉଁ ମାନଙ୍କ ମଧ୍ୟରୁ ଜଣେ ମହିଳା ହେବେ (ଯଦି ଉପଲବ୍ଧ ଥାଆନ୍ତି); ଏବଂ

(ଙ) ବିହିତ ହେବା ମତେ ସେପରି ଅନ୍ୟ ସଦସ୍ୟ ।

(2) ବିଦ୍ୟାପରିଷଦ, ବିଶ୍ୱବିଦ୍ୟାଳୟର ମୁଖ୍ୟ ଶିକ୍ଷା ନିକାୟ ହେବ ଏବଂ ତାହା ଏହି ଅଧିନିୟମ, କାନୁନ୍ ଓ ନିୟମାବଳୀରେ ଥିବା ବ୍ୟବସ୍ଥା ଗୁଡ଼ିକ ପ୍ରତି ସାପେକ୍ଷ ହୋଇ, ବିଶ୍ୱବିଦ୍ୟାଳୟର ଶିକ୍ଷାନୀତିରେ ସମନ୍ୱୟ ରକ୍ଷା କରିବା ସହିତ ସାଧାରଣ ପର୍ଯ୍ୟବେକ୍ଷଣ କରିବ ଏବଂ ଯେପରି ବିହିତ ହୋଇପାରେ ସେପରି ଅନ୍ୟାନ୍ୟ କ୍ଷମତା

ପ୍ରୟୋଗ କରିବ ଓ କାର୍ଯ୍ୟ ସଂପାଦନ କରିବ ।

(3) ପଦପ୍ରଯୁକ୍ତ ସଦସ୍ୟମାନଙ୍କ ଭିନ୍ନ ଅନ୍ୟ ସଦସ୍ୟମାନଙ୍କର କାର୍ଯ୍ୟକାଳ ତିନିବର୍ଷ ହେବ ।

ଅର୍ଥ କମିଟି ।

21. (1) ନିମ୍ନଲିଖିତ ବ୍ୟକ୍ତିମାନଙ୍କୁ ନେଇ ଅର୍ଥ କମିଟି ଗଠିତ ହେବ, ଯଥା:–

(କ) କୁଳପତି ଯେକି ପଦପ୍ରଯୁକ୍ତ ଚେୟାରମ୍ୟାନ୍ ହେବେ;

(ଖ) ରେଜିଷ୍ଟ୍ରାର, ଯେକି ପଦପ୍ରଯୁକ୍ତ ସଚିବ ହେବେ;

(ଗ) ଅର୍ଥ ନିୟନ୍ତ୍ରକ; ଏବଂ

(ଘ) ବିହିତ ହେବା ମତେ ସେପରି ଅନ୍ୟାନ୍ୟ ସଦସ୍ୟ ।

(2) ଅର୍ଥ ବ୍ୟବସ୍ଥା ବିଷୟମାନ ତଦାରଖ କରିବାଲାଗି ଅର୍ଥ କମିଟି ବିଶ୍ୱବିଦ୍ୟାଳୟର ମୁଖ୍ୟ ଅର୍ଥ ନିକାୟ ହେବ ଏବଂ ତାହା ଏହି ଅଧିନିୟମ, କାନୁନ୍ ଓ ନିୟମାବଳୀରେ ଥିବା ବ୍ୟବସ୍ଥାଗୁଡିକ ପ୍ରତି ସାପେକ୍ଷ ହୋଇ, ବିଶ୍ୱବିଦ୍ୟାଳୟ ଅର୍ଥ ବ୍ୟବସ୍ଥା ସଂପର୍କିତ ବିଷୟରେ ସମନ୍ୱୟ ରକ୍ଷା କରିବ ତଥା ସାଧାରଣ ପର୍ଯ୍ୟବେକ୍ଷଣ କରିବ ଏବଂ ଯେପରି ବିହିତ ହୋଇପାରେ ସେପରି ଅନ୍ୟାନ୍ୟ କ୍ଷମତା ପ୍ରୟୋଗ କରିବ ଓ କାର୍ଯ୍ୟ ସଂପାଦନ କରିବ;

(3) ପଦପ୍ରଯୁକ୍ତ ସଦସ୍ୟମାନଙ୍କ ଭିନ୍ନ ଅନ୍ୟ ସଦସ୍ୟମାନଙ୍କର କାର୍ଯ୍ୟକାଳ ତିନିବର୍ଷ ହେବ ।

ଅନ୍ୟାନ୍ୟ କର୍ତ୍ତୃପକ୍ଷ ।

22. ଯେପରି ବିହିତ ହୋଇପାରେ ବିଶ୍ୱବିଦ୍ୟାଳୟର ଅନ୍ୟାନ୍ୟ କର୍ତ୍ତୃପକ୍ଷମାନଙ୍କର ଗଠନ, କ୍ଷମତା ଓ କାର୍ଯ୍ୟାବଳୀ ସେପରି ହେବ;

ଶୂନ୍ୟସ୍ଥାନ ଯୋଗୁଁ କାର୍ଯ୍ୟବିଧି ।

23. ବିଶ୍ୱ ବିଦ୍ୟାଳୟର ଯେ କୌଣସି କର୍ତ୍ତୃପକ୍ଷଙ୍କର କୌଣସି କାର୍ଯ୍ୟ ବା କାର୍ଯ୍ୟବିଧି, ତହିଁରେ କୌଣସି ଶୂନ୍ୟସ୍ଥାନ ଥିବା ଯୋଗୁଁ ବା କର୍ତ୍ତୃପକ୍ଷ ଗଠନରେ ତ୍ରୁଟି ଥିବା ଯୋଗୁଁ କେବଳ ଅବଧିମାନ୍ୟ ହେବ ନାହିଁ । ମାତ୍ର କାରଣରୁ ଅବଧିମାନ ହେବ ନାହିଁ ।

## ଅଧ୍ୟାୟ – V

## କାନୁନ ଓ ନିୟମାବଳୀ

କାନୁନ । 24. ଏହି ଅଧିନୟମର ବ୍ୟବସ୍ଥାଗୁଡ଼ିକ ପ୍ରତି ସାପେକ୍ଷ ହୋଇ, ନିମ୍ନଲିଖିତ ସମସ୍ତ ବା ଯେକୌଣସି ବିଷୟ ଲାଗି କାନୁନ୍‌ରେ ବ୍ୟବସ୍ଥା କରାଯାଇପାରିବ, ସେଗୁଡ଼ିକ ହେଲା:-

(କ) ଏହି ଅଧିନିୟମରରେ ବିନିର୍ଦ୍ଦିଷ୍ଟ କରାଯାଇନଥିବା ବିଶ୍ୱବିଦ୍ୟାଳୟର କର୍ତ୍ତୃପକ୍ଷ ଓ ଅନ୍ୟାନ୍ୟ ନିକାୟଗୁଡ଼ିକର ଗଠନ, କ୍ଷମତା ଓ କାର୍ଯ୍ୟ ଏବଂ ବିଶ୍ୱବିଦ୍ୟାଳୟର ନୂତନ କର୍ତ୍ତୃପକ୍ଷମାନ ଗଠନ;

(ଖ) ଏଣ୍ଡାଓମେଣ୍ଟ ପାଣ୍ଠି ସାଧାରଣ ପାଣ୍ଠି ତଥା ଉନ୍ନୟନ ପାଣ୍ଠିର ଆର୍ଥିକ କାରବାର;

(ଗ) କୁଳପତି, ରେଜିଷ୍ଟ୍ରାର ଓ ଅର୍ଥ ଅଧିକାରୀଙ୍କ ନିଯୁକ୍ତି ତଥା ସେମାନଙ୍କର କ୍ଷମତା ଓ କୃତ୍ୟ ସଂକ୍ରାନ୍ତୀୟ ନିବନ୍ଧନ ଓ ସର୍ତ୍ତାବଳୀ,

(ଘ) ବିଶ୍ୱବିଦ୍ୟାଳୟର ଅନ୍ୟାନ୍ୟ ଅଧିକାରୀ, ଶିକ୍ଷକ ଓ କର୍ମଚାରୀମାନଙ୍କର ନିଯୁକ୍ତି ସଂଗ୍ରହ ପ୍ରଣାଳୀ ଓ ସେମାନଙ୍କର ସେବା ସର୍ତ୍ତାବଳୀ;

(ଙ) ବିଶ୍ୱବିଦ୍ୟାଳୟ ଓ ତାହାର ଅଧିକାରୀ, ଫାକ୍‌ଲଟି ସଦସ୍ୟ, କର୍ମଚାରୀ ଓ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଉପୁଜୁଥିବା ବିବାଦର ସମାଧାନ ପ୍ରକ୍ରିୟା;

(ଚ) ବିଭିନ୍ନ ବିଭାଗ ଓ ଫାକ୍‌ଲଟି ଖୋଲିବା, ବନ୍ଦ କରିବା ବା ପୁନର୍ଗଠନ କରିବା;

(ଛ) ଉଚ୍ଚତର ଶିକ୍ଷାଦାନ କରୁଥିବା ଅନ୍ୟାନ୍ୟ ବିଶ୍ୱବିଦ୍ୟାଳୟ ଓ ଅନୁଷ୍ଠାନଗୁଡ଼ିକ ସହିତ ସମନ୍ୱୟ ରକ୍ଷା;

(ଜ) ସମ୍ମାନଜନକ ଡିଗ୍ରୀ ପ୍ରାଦାନ ଲାଗି ପ୍ରକ୍ରିୟା;

(ଝ) ମାଗଣା ଛାତ୍ରବୃତ୍ତି ଓ ବିଦ୍ୟାବୃତ୍ତି ଦେବା ଲାଗି ବ୍ୟବସ୍ଥା;

(ଞ) ବିଭିନ୍ନ ପାଠ୍ୟକ୍ରମରେ ଆସନ ସଂଖ୍ୟା ତଥା ସେହି ପାଠ୍ୟକ୍ରମରେ ଛାତ୍ରଛାତ୍ରୀମାନଙ୍କର ନାମ ଲେଖା ପ୍ରଣାଳୀ;

(ଟ) ବିଭିନ୍ନ ପାଠ୍ୟକ୍ରମ ଲାଗି ଛାତ୍ରଛାତ୍ରୀମାନଙ୍କ ଠାରୁ ଆଦାୟ ହେବାକୁ ଥିବା ଧାର୍ଯ୍ୟ ଫିସ୍‌ର ପରିମାଣ;

(ଠ) ଗବେଷଣା ପାଇଁ ଛାତ୍ରବୃତ୍ତି (ଫେଲୋସିପ), ବିଦ୍ୟାବୃତ୍ତି, ମାଗଣା ଛାତ୍ରବୃତ୍ତି, ପଦକ ଓ ପୁରସ୍କାର ଇତ୍ୟାଦି ଦେବାଲାଗି ବ୍ୟବସ୍ଥାର ପ୍ରଚଳନ;

(ଡ଼) ବିଶ୍ୱବିଦ୍ୟାଳୟ ପାଇଁ ବିଭିନ୍ନ ପଦ ସୃଷ୍ଟି ଓ ସେଗୁଡ଼ିକର ଉଚ୍ଛେଦ ପ୍ରକ୍ରିୟା ଏବଂ

(ଢ଼) ଯେପରି ବିହିତ ହୋଇପାରେ ସେପରି ଅନ୍ୟାନ୍ୟ ବିଷୟ ।

କାନୁନ୍ ପ୍ରଣୟନ କରିବା ପଦ୍ଧତି ।

25. (1) ନିୟନ୍ତ୍ରକ ମଣ୍ଡଳୀ ଦ୍ୱାରା ପ୍ରଥମ କାନୁନ୍ ପ୍ରଣୟନ କରାଯିବ ଓ ତାହା ଅନୁମୋଦନ ଲାଗି ରାଜ୍ୟ ସରକାରଙ୍କ ନିକଟରେ ଉପସ୍ଥାପିତ ହେବ । ଉକ୍ତ କାନୁନ୍ ମିଳିବା ତାରିଖଠାରୁ ତିନିମାସ ମଧ୍ୟରେ ତହିଁରେ କୌଣସି ପରିବର୍ତ୍ତନ ସହ ବା ବିନା ପରିବର୍ତ୍ତନରେ ତାହାକୁ ରାଜ୍ୟ ସରକାର ଅନୁମୋଦନ କରିପାରିବେ ।

(2) ଉପଧାର (1) ରେ ଉଲ୍ଲିଖିତ ସମୟ ସୀମା ମଧ୍ୟରେ ରାଜ୍ୟ ସରକାର ସେହି କାନୁନ୍‌କୁ ଅନୁମୋଦନ ନକଲେ, ତାହା ରାଜ୍ୟ ସରକାରଙ୍କ ଦ୍ୱାରା ଅନୁମୋଦନ କରାଯାଇଛି ବୋଲି ବିବେଚିତ ହେବ ।

କାନୁନ ସଂଶୋଧନ କରିବା କ୍ଷମତା ।

26. ରାଜ୍ୟ ସରକାରଙ୍କ ପୂର୍ବ ଅନୁମୋଦନ କ୍ରମେ, ନିୟନ୍ତ୍ରକ ମଣ୍ଡଳୀ ନୂତନ ବା ଅତିରିକ୍ତ କାନୁନ୍ ପ୍ରଣୟନ କରିପାରିବେ କିମ୍ବା କାନୁନ୍‌କୁ ସଂଶୋଧନ ବା ନିରସନ ମଧ୍ୟ କରିପାରିବେ ।

ନିୟମାବଳୀ ।

27. ଏହି ଅଧିନିୟମରେ ଥିବା ବ୍ୟବସ୍ଥାଗୁଡ଼ିକ ପ୍ରତି ସାପେକ୍ଷ ହୋଇ, ନିୟମାବଳୀରେ ନିମ୍ନଲିଖିତ ସମସ୍ତ ବା ଯେକୌଣସି ବିଷୟରେ ବ୍ୟବସ୍ଥା କରାଯାଇପାରିବ, ଯଥା:-

(କ) ବିଶ୍ୱବିଦ୍ୟାଳୟରେ ଛାତ୍ରଛାତ୍ରୀମାନଙ୍କର ନାମଲେଖା ଓ ସେମାନଙ୍କର ନାମ ପଞ୍ଜିକରଣ;

(ଖ) ବିଶ୍ୱବିଦ୍ୟାଳୟର ସମସ୍ତ ପ୍ରକାର ଡିଗ୍ରି, ଡିପ୍ଲୋମା, ପ୍ରମାଣପତ୍ର ଖାଟରସ୍ ଓ ଅନ୍ୟାନ୍ୟ ବିଦ୍ୟାଗତ ଡିଷ୍ଟିଂସନ ଲାଗି ପାଠ୍ୟକ୍ରମ ପ୍ରଣୟନ;

(ଗ) ବିଶ୍ୱବିଦ୍ୟାଳୟର ଡିଗ୍ରି, ଡିପ୍ଲୋମା, ପ୍ରମାଣପତ୍ର ଓ ଅନ୍ୟାନ୍ୟ ବିଦ୍ୟାଗତ ଡିଷ୍ଟିଂସନ ପ୍ରଦାନ;

(ଘ) ହିସାବ ପଦ୍ଧତି ଓ ଆର୍ଥିକ ପ୍ରକ୍ରିୟା ନିର୍ଦ୍ଧାରଣ;

(ଙ) ଗବେଷଣା ପାଇଁ ଫେଲୋସିପ, ବିଦ୍ୟାବୃତ୍ତି, ଛାତ୍ରବୃତ୍ତି, ପଦକ ଓ ପୁରସ୍କାର ପ୍ରଦାନ ସର୍ତ୍ତାବଳୀ;

(ଚ) ପରୀକ୍ଷା ପରିଚାଳନା ଏବଂ ପରୀକ୍ଷା ନିୟନ୍ତ୍ରକ ନିକାୟ, ପରୀକ୍ଷକ, ପରିଦର୍ଶକ (ଇନ୍‌ଭିଜିଲେଟର), ଟାବୁଲେଟର ଓ ନିୟାମକ (ମଡେରେଟର)ଙ୍କର ନିଯୁକ୍ତି ଓ କର୍ତ୍ତବ୍ୟ ସଂକ୍ରାନ୍ତୀୟ ସର୍ତ୍ତାବଳୀ;

(ଛ) ବିଶ୍ୱବିଦ୍ୟାଳୟ ପରୀକ୍ଷା, ଡିଗ୍ରି, ଡିପ୍ଲୋମା, ପ୍ରମାଣପତ୍ର ଓ ଅନ୍ୟାନ୍ୟ ଶୈକ୍ଷିକ ଡିଷ୍ଟିଂସନ ଲାଗି ଧାର୍ଯ୍ୟ ହେବାକୁ ଥିବା ଫିସ୍‌ର ପରିମାଣ ଓ ତାହାର ସଂଶୋଧନ;

(ଜ) ଫିସ୍‌ର ପୁନଃନିର୍ଦ୍ଧାରଣ;

(ଝ) ବିଭିନ୍ନ ପାଠ୍ୟକ୍ରମ ଓ କାର୍ଯ୍ୟକ୍ରମରେ ଆସନ ସଂଖ୍ୟାରେ ପରିବର୍ତ୍ତନ; ଏବଂ

(ଞ) ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଲାଗି ଯୋଗାଇ ଦିଆଯାଇଥିବା ବାସସ୍ଥାନର ଅବସ୍ଥା;

(ଟ) ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କର ମଧ୍ୟରେ ଶୃଙ୍ଖଳା ରକ୍ଷା; ଏବଂ

(ଠ) କାନୁନ୍‌ରେ ବିଶେଷଭାବେ ବ୍ୟବସ୍ଥା କରାଯାଇ ନଥିବା ଅନ୍ୟ ଯେକୌଣସି ବିଷୟ ।

ନିୟମାବଳୀ ପ୍ରଣୟନ କରିବା ପ୍ରକ୍ରିୟା ।

28. (1) ନିୟନ୍ତ୍ରକ ମଣ୍ଡଳୀ ଦ୍ୱାରା ନିୟମାବଳୀ ପ୍ରଣୟନ କରାଯିବ ଏବଂ ସେପରି ପ୍ରଣୀତ ହୋଇଥିବା ନିୟମାବଳୀକୁ ଅନୁମୋଦନ ନିମନ୍ତେ ରାଜ୍ୟ ସରକାରଙ୍କ ନିକଟରେ ଉପସ୍ଥାପନ କରାଯିବ । ସେହି ନିୟମାବଳୀ ମିଳିବା ତାରିଖଠାରୁ ଦୁଇ

ମାସ ମଧ୍ୟରେ ତହିଁରେ କୌଣସି ପରିବର୍ତ୍ତନ ସହ ବା ବିନା ପରିବର୍ତ୍ତନରେ ସରକାର ତାହାକୁ ଅନୁମୋଦନ କରିପାରିବେ ।

(2) ଉପଧାରା (1) ରେ ଉଲ୍ଲିଖିତ ସମୟ ସୀମା ମଧ୍ୟରେ ରାଜ୍ୟ ସରକାର ସେହି ନିୟମାବଳୀ ସଂକ୍ରାନ୍ତରେ କୌଣସି ନିଷ୍ପତ୍ତି ନ ନେଲେ ତାହା ରାଜ୍ୟ ସରକାରଙ୍କ ଦ୍ୱାରା ଅନୁମୋଦନ କରାଯାଇଛି ବୋଲି ବିବେଚିତ ହେବ ।

ନିୟମାବଳୀ ସଂଶୋଧନ କରିବା କ୍ଷମତା ।

29. (1) ନିୟନ୍ତ୍ରଣ ମଣ୍ଡଳୀ ନିୟମାବଳୀର ସଂଶୋଧନ ବା ନିରସନ ନିମନ୍ତେ ପ୍ରସ୍ତାବ ଗ୍ରହଣ କରିପାରିବେ ଏବଂ ଉକ୍ତ ପ୍ରସ୍ତାବିଟି ଅନୁମୋଦନ ନିମନ୍ତେ ରାଜ୍ୟ ସରକାରଙ୍କ ନିକଟରେ ଉପସ୍ଥାପନ କରିବେ । ପ୍ରସ୍ତାବ ମିଳିବା ତାରିଖ ଠାରୁ ଦୁଇ ମାସ ମଧ୍ୟରେ ତହିଁରେ କୌଣସି ପରିବର୍ତ୍ତନ ସହ ବା ବିନା ପରିବର୍ତ୍ତନରେ ସରକାର ତାହାକୁ ଅନୁମୋଦନ କରିପାରିବେ ।

(2) ଯେବେ ରାଜ୍ୟ ସରକାର ଉପ-ଧାରା (1) ରେ ଉଲ୍ଲିଖିତ ସମୟ ସୀମା ମଧ୍ୟରେ ସେହି ନିୟମାବଳୀ ସଂକ୍ରାନ୍ତରେ କୌଣସି ନିଷ୍ପତ୍ତି ନ ନିଅନ୍ତି ତେବେ ତାହା ରାଜ୍ୟ ସରକାରଙ୍କ ଦ୍ୱାରା ଅନୁମୋଦିତ ହୋଇଛି ବୋଲି ବିବେଚିତ ହେବ ।

ନାମଲେଖା ।

30. (1) ବିଦ୍ୟାର୍ଥୀମାନେ ଯେଉଁ ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ଇଚ୍ଛୁକ, ସେଥିପାଇଁ ନିୟାମକ ନିକାୟ ବା ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ଦ୍ୱାରା ଧାର୍ଯ୍ୟ ମାନାଦର୍ଶ ଓ ମାର୍ଗଦର୍ଶୀ ନୀତି ଅନୁସାରେ ବିଭିନ୍ନ ପାଠ୍ୟକ୍ରମରେ ନାମଲେଖା ଯିବ ।

(2) ଉପଧାରା (1) ଅନୁଯାୟୀ ବିହିତ ହୋଇଥିବା ମତେ କୌଣସି ମାର୍ଗଦର୍ଶୀ ନୀତି ନଥିଲେ, ବିଶ୍ୱବିଦ୍ୟାଳୟରେ ଛାତ୍ରଛାତ୍ରୀମାନଙ୍କର ନାମଲେଖା କଡ଼ାକଡ଼ିଭାବେ ଗୁଣାଗୁଣ (ମେରିଟ) କୁ ଭିତ୍ତି କରି କରାଯିବ ।

(3) ଯୋଗ୍ୟତା ନିର୍ଣ୍ଣାୟକ ପରୀକ୍ଷା ଓ ପାଠ୍ୟକ୍ରମ ସଂପର୍କିତ ତଥା ପାଠ୍ୟକ୍ରମ ବହିର୍ଭୁତ କାର୍ଯ୍ୟକଳାପରେ ମିଳିଥିବା ମାର୍କ ବା

ଗ୍ରେଡ଼କୁ ଭିତ୍ତି କରି ଏବଂ ରାଜ୍ୟ ସ୍ତରରେ ବିଶ୍ୱବିଦ୍ୟାଳୟର କୌଣସି ସଂଗଠନ ଦ୍ୱାରା କିମ୍ବା ରାଜ୍ୟର ଯେକୌଣସି ଏଜେନ୍ସି ଦ୍ୱାରା ପରିଚାଳିତ ସେହି ଏକାପ୍ରକାର ପାଠ୍ୟକ୍ରମରେ ଅନୁଷ୍ଠିତ ପ୍ରବେଶିକା ପରୀକ୍ଷାରେ ମିଳିଥିବା ମାର୍କ ବା ଗ୍ରେଡକୁ ଆଧାର କରି ବିଶ୍ୱବିଦ୍ୟାଳୟରେ ନାମଲେଖା ପାଇଁ ଗୁଣାଗୁଣ ନିର୍ଦ୍ଧାରଣ କରାଯାଇପାରିବ ।

ଫିସ୍‌ର ଢ଼ାଞ୍ଚା ।

31. (1) ଯେଉଁ ପାଠ୍ୟକ୍ରମରେ ଛାତ୍ରଛାତ୍ରୀମାନେ ନାମ ଲେଖାଇବାକୁ ଚାହୁଁଛନ୍ତି ତାହାକୁ ଦୃଷ୍ଟିରେ ରଖି ବିଶ୍ୱବିଦ୍ୟାଳୟ, ସମୟକୁ ସମୟ ତାହାର ଫିସ୍‌ର ଢ଼ାଞ୍ଚା, ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ବା ଅନ୍ୟାନ୍ୟ ନିୟାମକ ନିକାୟ ଗୁଡ଼ିକ ଦ୍ୱାରା ବିହିତ ରୀତି ଓ ମାର୍ଗଦର୍ଶୀ ନୀତି ଅନୁସାରେ ପ୍ରସ୍ତୁତ କରିପାରିବେ ।

(2) ବିଶ୍ୱବିଦ୍ୟାଳୟ, ଉପଧାରା (1) ଅନୁଯାୟୀ ଯେଉଁ ଫିସ୍ ଧାର୍ଯ୍ୟ କରିବା ପାଇଁ କ୍ଷମତା ପ୍ରାପ୍ତ, ତାହା ଭିନ୍ନ ଅନ୍ୟ କୌଣସି ପ୍ରକାର ଫିସ୍ ଧାର୍ଯ୍ୟ କରିପାରିବ ନାହିଁ ।

(3) ବିଶ୍ୱବିଦ୍ୟାଳୟ, ଓଡ଼ିଶା ରାଜ୍ୟର ଅନୁସୂଚୀତ ଜାତି, ଅନୁସୂଚୀତ ଜନଜାତି ସଂପ୍ରଦାୟର, ସାମାଜିକ ଓ ଶିକ୍ଷାକ୍ଷେତ୍ରରେ ପଛୁଆ ବର୍ଗ ଏବଂ ଆର୍ଥିକ ଦୁର୍ବଳ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବିଶ୍ୱବିଦ୍ୟାଳୟକୁ ପ୍ରଦେୟ ଫିସ୍‌ରେ ରିହାତି ବ୍ୟବସ୍ଥା କରିବା ଲାଗି ରାଜ୍ୟ ସରକାରଙ୍କ ଏକ ଯୋଜନା କାର୍ଯ୍ୟକାରୀ କରିବ ।

ସ୍ପଷ୍ଟୀକରଣ :- ଏହି ଧାରା ଉଦ୍ଦେଶ୍ୟରେ "ଆର୍ଥିକ ଦୁର୍ବଳ ଶ୍ରେଣୀ" ଅର୍ଥ ଯେଉଁ ଛାତ୍ରଛାତ୍ରୀମାନଙ୍କ ପିତାମାତାଙ୍କ ମୋଟବାର୍ଷିକ ଆୟ, ରାଜ୍ୟ ସରକାର ସମୟକୁ ସମୟ ଧାର୍ଯ୍ୟକରିବା ମତେ ସେପରି ପରିମାଣରୁ ଅଧିକ ହେଉନଥିବ ।

## ଅଧ୍ୟାୟ – VI

## ବିବିଧ

କର୍ମଚାରୀମାନଙ୍କର ସେବା ସର୍ତ୍ତାବଳୀ ।

32. (1) ପ୍ରତ୍ୟେକ କର୍ମଚାରୀ, ଏକ ଲିଖିତ ଚୁକ୍ତି ଅନୁସାରେ ନିଯୁକ୍ତି ହେବେ ଓ ତାହା ବିଶ୍ୱବିଦ୍ୟାଳୟରେ ରଖାଯିବ ଓ ତାହାର ଏକ ନକଲ ସଂପୃକ୍ତ କର୍ମଚାରୀଙ୍କୁ ଦିଆଯିବ ।

(2) ଯେପରି ବିହିତ ହୋଇପାରେ ସେପରି ପ୍ରକ୍ରିୟା ଅନୁସାରେ ଛାତ୍ରଛାତ୍ରୀ ବା କର୍ମଚାରୀମାନଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

ଅପିଲ ଅଧିକାର ।

33. ଏହି ଅଧିନିୟମରେ ଯାହା କିଛିଥିବା ସତ୍ତ୍ୱେ, ବିଶ୍ୱ ବିଦ୍ୟାଳୟର ପ୍ରତ୍ୟେକ କର୍ମଚାରୀ ବା ଛାତ୍ରଛାତ୍ରୀଙ୍କର, ଯେପରି ବିହିତ ହୋଇପାରେ ସେପରି ସମୟ ସୀମା ମଧ୍ୟରେ, ବିଶ୍ୱବିଦ୍ୟାଳୟର ଯେକୌଣସି ଅଧିକାରୀ ବା କର୍ତ୍ତୃପକ୍ଷଙ୍କର ନିଷ୍ପତ୍ତି ବିରୁଦ୍ଧରେ ନିୟନ୍ତ୍ରକ ମଣ୍ଡଳୀଙ୍କ ନିକଟରେ ଅପିଲ କରିବା ଅଧିକାର ରହିବ ଏବଂ ନିୟନ୍ତ୍ରକ ମଣ୍ଡଳୀ, ଯେଉଁ ନିଷ୍ପତ୍ତି ବିରୁଦ୍ଧରେ ଅପିଲ କରାଯାଇଥିବ ତାହାକୁ କାଏମ ରଖିପାରିବେ, ମାର୍ଜିତ ବା ପରିବର୍ତ୍ତନ କରିପାରିବେ ।

ଭବିଷ୍ୟ ନିଧି ।

34. ଯେପରି ବିହିତ ହୋଇପାରେ, ସେପରି ରୀତିରେ ଓ ସେପରି ସର୍ତ୍ତାବଳୀ ପ୍ରତି ସାପେକ୍ଷ ହୋଇ, ବିଶ୍ୱବିଦ୍ୟାଳୟ ଉଚିତ୍ ବିବେଚନା କରିବା ମତେ କର୍ମଚାରୀମାନଙ୍କର ହିତ ଦୃଷ୍ଟିରୁ ସେପରି ଭବିଷ୍ୟନିଧି ବା ପେନ୍‌ସନ୍ ପାଣ୍ଠି ଗଠନ କରିବ ଓ ସେପରି ବୀମା ଯୋଜନା କାର୍ଯ୍ୟକାରୀ କରିବ ।

ବିଶ୍ୱବିଦ୍ୟାଳୟର କର୍ତ୍ତୃପକ୍ଷ ଓ ନିକାୟ ଗଠନ ନେଇ ବିବାଦ ।

35. କୁଳାଧିପତି ବା କୁଳପତିଙ୍କ ଭିନ୍ନ ବିଶ୍ୱବିଦ୍ୟାଳୟର ଅନ୍ୟ କୌଣସି କର୍ତ୍ତୃପକ୍ଷ ବା ଅନ୍ୟାନ୍ୟ ନିକାୟର ସଦସ୍ୟ ହେବାକୁ କୌଣସି ବ୍ୟକ୍ତି ଯଥାରୀତି ନିର୍ବାଚିତ ବା ନିଯୁକ୍ତ କିମ୍ବା ଯୋଗ୍ୟ ବିବେଚିତ ହେବା ନେଇ ଯଦି କୌଣସି ସଂଦେହ ଉପୁଜେ, ତେବେ ତାହା ଚେୟାରମ୍ୟାନଙ୍କ ନିକଟକୁ ପଠାଯିବ ଏବଂ ସେ ଯେଉଁ ନିଷ୍ପତ୍ତି ନେବେ ତାହା ଚୂଡ଼ାନ୍ତ ହେବ ।

କମିଟି ଗଠନ ।

36. ଧାରା 14 ରେ ଉଲ୍ଲିଖିତ ଯେକୌଣସି କର୍ତ୍ତୃପକ୍ଷ, ଯେପରି ସ୍ଥିର କରିବେ ସେପରି ସଂଖ୍ୟକ ସଦସ୍ୟ ତଥା ସେପରି କ୍ଷମତା ଥାଇ ସଂପୃକ୍ତ କର୍ତ୍ତୃପକ୍ଷ ଲାଗି ଏକ କମିଟି ଗଠନ କରିପାରିବେ ।

ସାମୟିକ ଶୂନ୍ୟସ୍ଥାନ ପୂରଣ ।

37. ବିଶ୍ୱବିଦ୍ୟାଳୟର କୌଣସି କର୍ତ୍ତୃପକ୍ଷ ବା ନିକାୟରେ ପଦ ପ୍ରଯୁକ୍ତ ସଦସ୍ୟଙ୍କ ଭିନ୍ନ ଅନ୍ୟ କୌଣସି ସଦସ୍ୟ ପଦରେ ସୃଷ୍ଟି ହୋଇଥିବା ଶୂନ୍ୟସ୍ଥାନକୁ, ଯଥା ସମ୍ଭବ ଶୀଘ୍ର ପୂରଣ କରାଯିବ, ଏବଂ ଉକ୍ତ ଶୂନ୍ୟସ୍ଥାନ ପୂରଣ କରୁଥିବା ବ୍ୟକ୍ତି, ତାଙ୍କ ପୂର୍ବରୁ ଥିବା ସଦସ୍ୟଙ୍କ କାର୍ଯ୍ୟକାଳ ପୂରଣ ହେବାକୁ ଯେତିକି ଦିନ ଥିବ, ସେହି ଅବଶିଷ୍ଟ କାର୍ଯ୍ୟକାଳ ପାଇଁ ସଦସ୍ୟ ପଦରେ ରହିବେ ।

ସଦ୍‌ବିଶ୍ୱାସରେ ଗ୍ରହଣ କରାଯାଇଥିବା କାର୍ଯ୍ୟାନୁଷ୍ଠାନର ସୁରକ୍ଷା ।

38. (1) ଏହି ଅଧିନିୟମ, କାନୁନ୍ ବା ନିୟମାବଳୀରେ ଥିବା ବ୍ୟବସ୍ଥା ଅନୁସାରେ ସଦ୍‌ବିଶ୍ୱାସରେ କରାଯାଇଥିବା ବା କରାଯିବା ଲାଗି ଉଦ୍ଦେଶ୍ୟ ଥିବା ଯେକୌଣସି କାର୍ଯ୍ୟାନୁଷ୍ଠାନ ଲାଗି ବିଶ୍ୱବିଦ୍ୟାଳୟର କୌଣସି ଅଧିକାରୀ ବା ଅନ୍ୟାନ୍ୟ କର୍ମଚାରୀଙ୍କ ବିରୁଦ୍ଧରେ କୌଣସି ମକଦ୍ଦମା ବା ଅନ୍ୟ କୌଣସି ବିଧିକ କର୍ଯ୍ୟବିଧି କରାଯାଇପାରିବ ନାହିଁ ।

(2) ଏହି ଅଧିନିୟମ ଓ ତଦଧୀନ ପ୍ରଣୀତ ନିୟମାବଳୀ ବା କାନୁନ ଓ ତତ୍ ସମୟେ ବଳବତ୍ତର ଥିବା କୌଣସି ବିଧିର ବ୍ୟବସ୍ଥାର ଉଲ୍ଲଙ୍ଘନ କ୍ରମେ କରାଯାଇଥିବା ଯେକୌଣସି କାର୍ଯ୍ୟାନୁଷ୍ଠାନ ବିରୁଦ୍ଧରେ ମକଦ୍ଦମା, ଅଭିଯୋଜନ ବା ଅନ୍ୟ କୌଣସି ବିଧିକ କାର୍ଯ୍ୟବିଧି ଦାଏର କରିବା ଲାଗି ଉପଧାରା (1) ରେ ଥିବା କୌଣସି ବିଷୟ ପ୍ରତିବନ୍ଧକ ହେବ ନାହିଁ ।

ମଧ୍ୟକାଳୀନ ବ୍ୟବସ୍ଥା ।

39. ଏହି ଅଧିନିୟମ ଓ କାନୁନ୍‌ରେ ଯାହାକିଛି ସତ୍ତ୍ୱେ :-

(କ) ପ୍ରଥମ କୁଳାଧିପତି ଓ ପ୍ରଥମ କୁଳପତି, ଚେୟାରମ୍ୟାନଙ୍କ ଦ୍ୱାରା ନିଯୁକ୍ତ ହେବେ ଓ ସେ ତିନିବର୍ଷ ପାଇଁ ତାହାଙ୍କ ପଦରେ ରହିବେ;

(ଖ) ପ୍ରଥମ ରେଜିଷ୍ଟ୍ରାର ଓ ପ୍ରଥମ ଅର୍ଥ ଅଧିକାରୀ ଚେୟାରମ୍ୟାନଙ୍କ ଦ୍ୱାରା ନିଯୁକ୍ତ ହେବେ, ଯେଉଁମାନେ କି ତିନିବର୍ଷ ପାଇଁ ସେମାନଙ୍କ ପଦରେ ରହିବେ;

(ଗ) ପ୍ରଥମ ନିୟନ୍ତ୍ରକ ମଣ୍ଡଳୀ, ତିନିବର୍ଷରୁ ଅଧିକ ହେଉନଥିବା ଅବଧି ଲାଗି ପଦରେ ରହିବେ; ଏବଂ

(ଘ) ପ୍ରଥମ ଅର୍ଥକମିଟି ଓ ପ୍ରଥମ ବିଦ୍ୟା ପରିଷଦ, ଚେୟାରମ୍ୟାନଙ୍କ ଦ୍ୱାରା ତିନି ବର୍ଷ ପାଇଁ ଗଠିତ ହେବ ।

ଏଣ୍ଡାଓମେଣ୍ଟ ପାଣ୍ଠି ।

40. (1) ପ୍ରାୟୋଜକ ନିକାୟ ପଚିଶି କୋଟି ଟଙ୍କାର ଏକ ଏଣ୍ଡାଓମେଣ୍ଟ ପାଣ୍ଠି ପ୍ରତିଷ୍ଠା କରିବେ ।

(2) ଏଣ୍ଡାଓମେଣ୍ଟ ପାଣ୍ଠିର ଅର୍ଥକୁ ବିଶ୍ୱବିଦ୍ୟାଳୟ ବିଘଟନ ହେବା ପର୍ଯ୍ୟନ୍ତ ଦୀର୍ଘ ମିଆଦି ସୂତ୍ରରେ ବିନିଯୋଗ କରାଯିବ ଓ ବିନିଯୋଗ ହୋଇ ରହିବ ।

(3) ବିଶ୍ୱବିଦ୍ୟାଳୟ ସାଧାରଣ ପାଣ୍ଠିରୁ ବା ଉନ୍ନୟନ ପାଣ୍ଠିରୁ ଯେ କୌଣସି ପରିମାଣର ଅର୍ଥ ଏଣ୍ଡାଓମେଣ୍ଟପାଣ୍ଠିକୁ ଅନ୍ତରଣ କରିପାରିବ ।

(4) ବିଶ୍ୱବିଦ୍ୟାଳୟର ବିଘଟନ ବ୍ୟତୀତ ଅନ୍ୟ ଯେ କୌଣସି ପରିସ୍ଥିତିରେ ଯେକୌଣସି ଉଦ୍ଦେଶ୍ୟରେ କୌଣସି ଉଦ୍ଦେଶ୍ୟରେ ଏଣ୍ଡାଓମେଣ୍ଟ ପାଣ୍ଠିରୁ କୌଣସି ପରିମାଣର ଅର୍ଥ ଅନ୍ତରଣ କରାଯାଇପାରିବ ନାହିଁ ।

(5) ଏଣ୍ଡାଓମେଣ୍ଟ ପାଣ୍ଠିରୁ ମିଳୁଥିବା ଆୟର ସର୍ବାଧିକ ଶତକଡା 75 ଭାଗ ଅର୍ଥ, ବିଶ୍ୱବିଦ୍ୟାଳୟର ଉନ୍ନୟନମୂଳକ କାର୍ଯ୍ୟରେ ବିନିଯୋଗ କରାଯିବ ଏବଂ ଅବଶିଷ୍ଟ ଶତକଡା ପଚିଶ ଭାଗ ଅର୍ଥ ଏଣ୍ଡାଓମେଣ୍ଟ ପାଣ୍ଠିରେ ପୁନଃ ବିନିଯୋଗ କରାଯିବ ।

ସାଧାରଣ ପାଣ୍ଠି ।

41. (1) ବିଶ୍ୱବିଦ୍ୟାଳୟ ଏକ ସାଧାରଣ ପାଣ୍ଠି ପ୍ରତିଷ୍ଠା କରିବା ଯେଉଁଥିରେ କି ନିମ୍ନଲିଖିତ ଅର୍ଥ ପରିମାଣ ଜମା କରାଯିବ:-

(କ) ବିଶ୍ୱବିଦ୍ୟାଳୟ ଦ୍ୱାରା ଆଦାୟ ହେଉଥିବା ସମସ୍ତ ପ୍ରକାରର ଫିସ୍;

(ଖ) ଅନ୍ୟ ଯେକୌଣସି ସୂତ୍ରରୁ ମିଳୁଥିବା ସମସ୍ତ ଧନରାଶି;

(ଗ) ପ୍ରାୟୋଜକ ନିକାୟ ଦ୍ୱାରା ଦିଆଯାଇଥିବା ସମସ୍ତ ଅଂଶଦାନ; ଏବଂ

(ଘ) ଅନ୍ୟ ଯେକୌଣସି ବ୍ୟକ୍ତି ବା ନିକାୟ ଦ୍ୱାରା ତଦୁପଲକ୍ଷେ ପ୍ରଦତ୍ତ ସମସ୍ତ ଅଂଶଦାନ ବା ଚାନ୍ଦା, ଯାହାକି ତତ୍ ସମୟେ ବଳବତ୍ତର ଥିବା କୌଣସି ବିଧି ଦ୍ୱାରା ନିଷେଧ କରାଯାଇନଥିବ ।

(2) ସାଧାରଣ ପାଣ୍ଠିରେ ଜମା କରାଯାଇଥିବା ଅର୍ଥ ପରିମାଣକୁ ନିମ୍ନଲିଖିତ ବାବଦରେ ବିନିଯୋଗ କରାଯିବ:-

(କ) ଏହି ଅଧିନିୟମ ଓ କାନୁନ୍ ଏବଂ ତଦଧୀନ ପ୍ରଣୀତ ନିୟମାବଳୀ ଉଦ୍ଦେଶ୍ୟରେ ବିଶ୍ୱ ବିଦ୍ୟାଳୟ ଦ୍ୱାରା କରାଯାଇଥିବା ଋଣ ସହିତ ତହିଁର ସୁଧ ପରିଶୋଧ;

(ଖ) ବିଶ୍ୱବିଦ୍ୟାଳୟ ସଂପତ୍ତିର ରକ୍ଷଣାବେକ୍ଷଣ;

(ଗ) ଏହି ଧାରା ତଥା ଧାରା 42 ଅନୁଯାୟୀ ସୃଷ୍ଟି ହୋଇଥିବା ପାଣ୍ଠିର ଅଡିଟ୍ ବାବଦ ବ୍ୟୟ ପ୍ରଦାନ;

(ଘ) ବିଶ୍ୱବିଦ୍ୟାଳୟ ପକ୍ଷଭୁକ୍ତଥିବା କୌଣସି ମକଦ୍ଦମା ବା କାର୍ଯ୍ୟବିଧି ବାବଦ ବ୍ୟୟ ପ୍ରଦାନ;

(ଙ) ବିଶ୍ୱବିଦ୍ୟାଳୟର ଅଧିକାରୀ ଓ କର୍ମଚାରୀମାନଙ୍କର ଓ ଶିକ୍ଷାଦାନ ତଥା ଗବେଷଣା କାର୍ଯ୍ୟରେ ନିୟୋଜିତ ବ୍ୟକ୍ତିମାନଙ୍କର ଦରମା ଓ ଭତ୍ତା ପ୍ରଦାନ ଏବଂ ସେପରି ଶିକ୍ଷାଦାନ ଓ ଗବେଷଣା କାର୍ଯ୍ୟ କରୁଥିବା କର୍ମଚାରୀମାନଙ୍କ ଭବିଷ୍ୟନିଧି ଅଂଶଦାନ, ଗ୍ରାଚ୍ୟୁଟି ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ବାବଦ ଅର୍ଥପ୍ରଦାନ;

(ଚ) ନିୟନ୍ତ୍ରକମଣ୍ଡଳୀ, ବିଦ୍ୟାପରିଷଦର ସଦସ୍ୟ ଓ ବିଶ୍ୱବିଦ୍ୟାଳୟର କାନୁନ୍ ଦ୍ୱାରା ସେ ଭାବେ ଘୋଷଣା କରାଯାଇଥିବା ଅନ୍ୟାନ୍ୟ କର୍ତ୍ତୃପକ୍ଷ ଏବଂ ଏହି ଅଧିନିୟମ, ବା କାନୁନ୍ ବା ତଦଧୀନ ପ୍ରଣୀତ ନିୟମାବଳୀ ଅନୁସାରେ ବିଶ୍ୱବିଦ୍ୟାଳୟର ଯେକୌଣସି କର୍ତ୍ତୃପକ୍ଷଙ୍କ ଦ୍ୱାରା ନିଯୁକ୍ତ କୌଣସି

କମିଟି ବା ମଣ୍ଡଳୀର ସଦସ୍ୟମାନଙ୍କର ଗସ୍ତ ତଥା ଓ ଅନ୍ୟାନ୍ୟ ଭତ୍ତା ପ୍ରଦାନ;

(ଛ) ବିଶ୍ୱବିଦ୍ୟାଳୟର କାନୁନ୍ ବା ନିୟମାବଳୀର ଅନୁସାରେ ଯୋଗ୍ୟ ବିବେଚିତ ଛାତ୍ରଛାତ୍ରୀ, ଗବେଷଣା ସହଯୋଗୀ ବା ପ୍ରଶିକ୍ଷାର୍ଥୀମାନଙ୍କୁ ଗବେଷଣା ପାଇଁ ଛାତ୍ରବୃତ୍ତି (ଫେଲୋସିପ), ମାଗଣା ଛାତ୍ରବୃତ୍ତି, ବିଦ୍ୟାବୃତ୍ତି, ସହାୟତା ବୃତ୍ତି ଓ ଅନ୍ୟାନ୍ୟ ପୁରସ୍କାର ପ୍ରଦାନ;

(ଜ) ଏହି ଅଧିନିୟମ ଓ କାନୁନ୍ ବା ନିୟମାବଳୀରେ ଥିବା ବ୍ୟବସ୍ଥାଗୁଡିକୁ କାର୍ଯ୍ୟକାରୀ କରିବା ନେଇ ବିଶ୍ୱବିଦ୍ୟାଳୟ ଦ୍ୱାରା କରାଯାଇଥିବା ବ୍ୟୟ ବାବଦ ଅର୍ଥପ୍ରଦାନ;

(ଝ) ପ୍ରାୟୋଜକ ନିକାୟ ଦ୍ୱାରା ବିଶ୍ୱବିଦ୍ୟାଳୟ ସ୍ଥାପନ ପାଇଁ କରାଯାଇଥିବା ପୁଞ୍ଜି ବ୍ୟୟ ବାବଦକୁ ପ୍ରଚଳିତ ବ୍ୟାଙ୍କ ସୁଧହାରରୁ ଅଧିକ ହେଉନଥିବା ହାରରେ ଅର୍ଥପ୍ରଦାନ;

(ଞ) ଏହି ଅଧିନୟମ, ଓ କାନୁନ୍ ତଥା ନିୟମାବଳୀରେ ଥିବା ବ୍ୟବସ୍ଥା ଅନୁଯାୟୀ ବିଶ୍ୱବିଦ୍ୟାଳୟ ଦ୍ୱାରା କରାଯାଇଥିବା ପରାମର୍ଶଗତ କାର୍ଯ୍ୟ ସଂକ୍ରାନ୍ତୀୟ ଦେୟ ଓ ତତ୍‌ସଂପର୍କିତ ବ୍ୟୟ ବାବଦ ଅର୍ଥପ୍ରଦାନ;

(ଟ) ବିଶ୍ୱବିଦ୍ୟାଳୟ ଉଦ୍ଦେଶ୍ୟରେ ବ୍ୟୟ ଭାବରେ ନିୟନ୍ତ୍ରକ ମଣ୍ଡଳୀ ଦ୍ୱାରା ଅନୁମୋଦିତ ହୋଇଥିବା ମତେ ପ୍ରାୟୋଜକ ନିକାୟ ତରଫରୁ ବିଶ୍ୱବିଦ୍ୟାଳୟର ପରିଚାଳନାଗତ ଦାୟିତ୍ୱ ବାବଦରେ କୌଣସି ଅନୁଷ୍ଠାନକୁ ପ୍ରଦେୟ ପରିଚାଳନା ଫିସ୍ ସମେତ ଅନ୍ୟ ଯେକୌଣସି ବ୍ୟୟ ବାବଦ ଅର୍ଥପ୍ରଦାନ:

ପରନ୍ତୁ ନିୟନ୍ତ୍ରକମଣ୍ଡଳୀଙ୍କ ପୂର୍ବ ଅନୁମୋଦନ ବିନା ଉକ୍ତ ମଣ୍ଡଳୀ ଦ୍ୱାରା ବର୍ଷିକ ନିମନ୍ତେ ଧାର୍ଯ୍ୟ

କରାଯାଇପାରିବା ମତେ ମୋଟ୍ ରେକରିଂ ଓ ନନ୍-ରେକରିଂ ବ୍ୟୟର ମୋଟ୍ ପରିମାଣ ଠାରୁ ଅଧିକ ହେଉଥିବା ସେପରି କୌଣସି ବ୍ୟୟ ବିଶ୍ୱବିଦ୍ୟାଳୟ ଦ୍ୱାରା କରାଯିବ ନାହିଁ:

ଅଧିକନ୍ତୁ ବିଶ୍ୱବିଦ୍ୟାଳୟର ନିୟନ୍ତ୍ରକ ମଣ୍ଡଳୀଙ୍କ ପୂର୍ବ ଅନୁମୋଦନ କ୍ରମେ, ଏହି ଉପଧାରାରେ ବିନିର୍ଦ୍ଦିଷ୍ଟ ହୋଇଥିବା ଉଦ୍ଦେଶ୍ୟ ଲାଗି ସାଧାରଣ ପାଣ୍ଠି ବିନିଯୋଗ କରାଯିବ ।

ଉନ୍ନୟନ ପାଣ୍ଠି ।

42. (1) ବିଶ୍ୱବିଦ୍ୟାଳୟ ଏକ ଉନ୍ନୟନ ପାଣ୍ଠି ମଧ୍ୟ ପ୍ରତିଷ୍ଠା କରିବ ଏବଂ ତହିଁରେ ନିମ୍ନଲିଖିତ ଅର୍ଥ ପରିମାଣ ଜମା କରାଯିବ, ସେଗୁଡିକ ହେଲା -

(କ) ଛାତ୍ରଛାତ୍ରୀମାନଙ୍କ ଠାରୁ ଆଦାୟ ହେଉଥିବା ଉନ୍ନୟନ ଫିସ୍;

(ଖ) ବିଶ୍ୱବିଦ୍ୟାଳୟର ଉନ୍ନୟନ ଉଦ୍ଦେଶ୍ୟରେ ଯେକୌଣସି ସୂତ୍ରରୁ ମିଳିଥିବା ସମସ୍ତ ଧନରାଶି;

(ଗ) ପ୍ରାୟୋଜକ ନିକାୟ ଦ୍ୱାରା ପ୍ରଦତ୍ତ ଯେକୌଣସି ଅଂଶଦାନ;

(ଘ) ଅନ୍ୟ ଯେକୌଣସି ବ୍ୟକ୍ତି ବା ନିକାୟ ଦ୍ୱାରା ତଦୁପଲକ୍ଷ୍ୟେ ପ୍ରଦତ୍ତ ସମସ୍ତ ଅଂଶଦାନ ବା ଚାନ୍ଦା ଯାହା କି ତତ୍ସମୟେ ବଳବତ୍ତର ଥିବା କୌଣସି ବିଧି ଦ୍ୱାରା ନିଷେଧ କରାଯାଇନଥିବ; ଏବଂ

(ଙ) ଧାରା 40 ର ଉପଧାରା (5) ରେ ଥିବା ବ୍ୟବସ୍ଥା ପ୍ରତି ସାପେକ୍ଷ ହୋଇ, ଏଣ୍ଡାଓମେଣ୍ଟ ପାଣ୍ଠିରୁ ମିଳୁଥିବା ଆୟ;

(2) ଉନ୍ନୟନ ପାଣ୍ଠିରେ ସମୟକୁ ସମୟ ଜମା କରାଯାଉଥିବା ଅର୍ଥ ପରିମାଣ, ବିଶ୍ୱବିଦ୍ୟାଳୟର ଉନ୍ନୟନ ଲାଗି ବିନିଯୋଗ କରାଯିବ ।

(3) ବିଶ୍ୱବିଦ୍ୟାଳୟ ରାଜ୍ୟ ସରକାରଙ୍କ ଠାରୁ ଅନୁଦାନ ଆକାରରେ ବା ରିହାତି ମୂଲ୍ୟରେ ପାଇଥିବା ଜମିକୁ ବନ୍ଧକ ଦେଇ କୌଣସି ଆର୍ଥିକ ଅନୁଷ୍ଠାନ (ବ୍ୟାଙ୍କ ଇତ୍ୟାଦି) ସମେତ ଯେକୌଣସି ସୂତ୍ରରୁ ପାଣ୍ଠି ଉଧାର କରିବ ନାହିଁ ।

ପାଣ୍ଠିର ପରିଚାଳନା ।

43. ଧାରା 40, 41 ଓ 42 ଅନୁଯାୟୀ ପ୍ରତିଷ୍ଠା ହୋଇଥିବା ପାଣ୍ଠି, ନିୟନ୍ତ୍ରକ ମଣ୍ଡଳୀର ସାଧାରଣ ପର୍ଯ୍ୟବେକ୍ଷଣ ତଥା ନିୟନ୍ତ୍ରଣ ପ୍ରତି ସାପେକ୍ଷ ହୋଇ, ଯେପରି ବିହିତ ହୋଇପାରେ ସେପରି ରୀତିରେ ନିୟନ୍ତ୍ରିତ ହେବ ଓ ପରିଚାଳନା କରାଯିବ ।

ବାର୍ଷିକ ରିପୋର୍ଟ ।

44. (1) ବିଶ୍ୱବିଦ୍ୟାଳୟର ବାର୍ଷିକ ରିପୋର୍ଟ, ପ୍ରସ୍ତୁତ କରାଯିବ ଓ ତାହା ଅନୁମୋଦନ ସକାଶେ ନିୟନ୍ତ୍ରକ ମଣ୍ଡଳୀଙ୍କ ନିକଟରେ ଉପସ୍ଥାପନ କରାଯିବ ।

(2) ନିୟନ୍ତ୍ରକମଣ୍ଡଳୀ ତାହାଙ୍କ ବୈଠକରେ ବାର୍ଷିକ ରିପୋର୍ଟକୁ ଅନୁଧ୍ୟାନ କରିବେ ଓ ତାହାକୁ ପରିବର୍ତ୍ତନ ସହ ବା ବିନା ପରିବର୍ତ୍ତନରେ ଅନୁମୋଦନ କରିବେ ।

(3) ନିୟନ୍ତ୍ରକମଣ୍ଡଳୀ ଦ୍ୱାରା ଯଥାରୀତି ଅନୁମୋଦିତ ହୋଇଥିବା ବାର୍ଷିକ ରିପୋର୍ଟର ଏକ ନକଲ ପ୍ରତ୍ୟେକ ବର୍ଷ ତା.31, ମାର୍ଚ୍ଚରେ ସରୁଥିବା ଆର୍ଥିକ ବର୍ଷର ପୂର୍ବରୁ ତା.31, ଡିସେମ୍ବର ଦିନ ବା ତାହା ପୂର୍ବରୁ ରାଜ୍ୟ ସରକାରଙ୍କ ନିକଟକୁ ପଠାଯିବ ।

ହିସାବ ଓ ଅଡିଟ୍ ।

45. (1) ଅର୍ଥକମିଟିର ନିର୍ଦ୍ଦେଶ ଅନୁସାରେ ବିଶ୍ୱବିଦ୍ୟାଳୟର ବାର୍ଷିକ ହିସାବ ଓ ଜମାଖର୍ଚ୍ଚ ଫର୍ଦ୍ଦ (ବାଲାନ୍ସ ସିଟ୍) ପ୍ରସ୍ତୁତ କରାଯିବ ଏବଂ ଯେକୌଣସି ସୂତ୍ରରୁ ମିଳିଥିବା ବା ବିଶ୍ୱବିଦ୍ୟାଳୟରେ ଗଚ୍ଛିତ ଥିବା ସମସ୍ତ ପାଣ୍ଠି ଓ ବ୍ୟୟ କରାଯାଇଥିବା ବା ପ୍ରଦତ୍ତ ହୋଇଥିବା ସମସ୍ତ ପରିମାଣ ବିଶ୍ୱବିଦ୍ୟାଳୟ ଦ୍ୱାରା ରଖାଯାଇଥିବା ହିସାବରେ ଚଢ଼ାଯିବ ।

(2) ବିଶ୍ୱବିଦ୍ୟାଳୟର ବାର୍ଷିକ ରିପୋର୍ଟ ପ୍ରତ୍ୟେକ ବର୍ଷ ଜଣେ ଚଟାର୍ଡ ଆକାଉଣ୍ଟାଣ୍ଟଙ୍କ ଦ୍ୱାରା ଅଡିଟ୍ କରାଯିବ, ଯେକି ଭାରତର ଚାଟାର୍ଡ ଆକାଉଣ୍ଟାଣ୍ଟ ଅନୁଷ୍ଠାନର ଜଣେ ସଦସ୍ୟ ହୋଇଥିବେ ।

(3) ବାର୍ଷିକ ହିସାବ, ଜମାଖର୍ଚ୍ଚ ଫର୍ଦ୍ଦ ସହିତ ଅଡିଟ ରିପୋର୍ଟର ଏକ ନକଲ ପ୍ରତ୍ୟେ ବର୍ଷ ତା.31, ମାର୍ଚ୍ଚ ରେ ସରୁଥିବା ଆର୍ଥିକ ବର୍ଷର ପୂର୍ବରୁ ତା.31, ଡିସେମ୍ବର ଦିନ ବା ତାହା ପୂର୍ବରୁ ନିୟନ୍ତ୍ରକ ମଣ୍ଡଳୀଙ୍କ ନିକଟରେ ଉପସ୍ଥାପନ କରାଯିବ ।

(4) ବାର୍ଷିକ ହିସାବ, ଜମାଖର୍ଚ୍ଚ ଫର୍ଦ୍ଦ ଓ ଅଡିଟ ରିପୋର୍ଟ, ନିୟନ୍ତ୍ରକ ମଣ୍ଡଳୀର ବୈଠକରେ ବିଚାର ତଥା ଅନୁମୋଦନ ନିମନ୍ତେ ଉପସ୍ଥାପନ କରାଯିବ ଏବଂ ନିୟନ୍ତ୍ରକ ମଣ୍ଡଳୀ ତାହାକୁ ପ୍ରତ୍ୟେକ ବର୍ଷ ତା.31, ଡିସେମ୍ବର ଦିନ ବା ତା' ପୂର୍ବରୁ ରାଜ୍ୟ ସରକାରଙ୍କ ନିକଟକୁ ପଠାଇବେ ।

(5) ଚାର୍ଟାର୍ଡ ଆକଉଣ୍ଟାଣ୍ଟଙ୍କ ରିପୋର୍ଟରେ ଆର୍ଥିକ ପରିଚାଳନା ନେଇ କୌଣସି ତ୍ରୁଟି ଦର୍ଶାଯାଇଥିଲେ, ରାଜ୍ୟ ସରକାର ସେ ସଂକ୍ରାନ୍ତରେ ବିଶ୍ୱବିଦ୍ୟାଳୟକୁ ନିର୍ଦ୍ଦେଶନାମା ଜାରି କରିପାରିବେ ଓ ସେହି ନିର୍ଦ୍ଦେଶନାମା ବିଶ୍ୱବିଦ୍ୟାଳୟ ପ୍ରତି ଆବଦ୍ଧକର ହେବ ।

**ବିଶ୍ୱବିଦ୍ୟାଳୟର ରେକର୍ଡ ପ୍ରମାଣ କରିବା ଢ଼ଙ୍ଗ ।**

46. ବିଶ୍ୱବିଦ୍ୟାଳୟର ଯେକୌଣସି କର୍ତ୍ତୃପକ୍ଷ ବା କମିଟିର କୌଣସି ରସିଦ, ଦରଖାସ୍ତ, ନୋଟିସ, ଆଦେଶ, କାର୍ଯ୍ୟବିଧି ବା ସଂକଳ୍ପ ବା ବିଶ୍ୱବିଦ୍ୟାଳୟର ଅନ୍ୟାନ୍ୟ ଦସ୍ତାବିଜର ଏକ ନକଲ କିମ୍ବା ବିଶ୍ୱବିଦ୍ୟାଳୟ ଦ୍ୱାରା ରଖାଯାଇଥିବା ଯେକୌଣସି ବିଷୟକୁ ଯଦି ରେଜିଷ୍ଟ୍ରାରଙ୍କ ଦ୍ୱାରା ପ୍ରମାଣୀକୃତ କରାଯାଇଥାଏ ତେବେ ସେପରି ରସିଦ, ଦରଖାସ୍ତ, ନୋଟିସ୍, ଆଦେଶ, କାର୍ଯ୍ୟବିଧି, ସଂକଳ୍ପ ବା ଦସ୍ତାବିଜ ବା ରେଜିଷ୍ଟରରେ ଚଢ଼ାଯାଇଥିବା ବିଷୟକୁ ପ୍ରଥମ ଦୃଷ୍ଟିଗତ ସାକ୍ଷ୍ୟ ଭାବେ ଗ୍ରହଣ କରାଯିବ ଓ ତହିଁରେ ଉଲ୍ଲିଖିତ ବିଷୟ ଓ କାରବାର ସାକ୍ଷ୍ୟ ରୂପେ ଗୃହୀତ ହେବ ।

**ବିଶ୍ୱବିଦ୍ୟାଳୟକୁ ବାର୍ଷିକ ପରିଦର୍ଶନ ।**

47. ରାଜ୍ୟ ସରକାରଙ୍କ ଦ୍ୱାରା ତିନି ଜଣ ସଦସ୍ୟଙ୍କୁ ନେଇ ଗଠିତ ଏକ କମିଟି ବିଶ୍ୱବିଦ୍ୟାଳୟର ଭିତ୍ତିଭୂମି, ମାନବସମ୍ବଳ ଓ ଶୈକ୍ଷିକ ସଂପର୍କିତ ଯୋଜନାର କାର୍ଯ୍ୟାନ୍ୱୟନର ପ୍ରଗତି ସଂପର୍କରେ ବାର୍ଷିକ ସମୀକ୍ଷା କରିବେ । ଯଦି ସେଥିରେ କୌଣସି ଅଭାବ ରହିଥାଏ, ତେବେ ତାହାର ଅନୁପାଳନ ନିମନ୍ତେ ବିଶ୍ୱବିଦ୍ୟାଳୟକୁ ଜଣାଇ ଦିଆଯିବ । ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରାଯିବାର ପ୍ରଥମ ପାଞ୍ଚ ବର୍ଷ ମଧ୍ୟରେ ସେପରି ସମୀକ୍ଷା କରାଯାଇ ପାରିବ ।

ବିଶ୍ୱବିଦ୍ୟାଳୟର ବିଘଟନ ।

48. ବିଶ୍ୱବିଦ୍ୟାଳୟ ଗଠନ ଓ ସ୍ଥାପନକୁ ନିୟନ୍ତ୍ରଣ କରୁଥିବା ବିଧିରେ ଥିବା ବ୍ୟବସ୍ଥା ଅନୁଯାୟୀ ପ୍ରାୟୋଜକ ନିକାୟ ଯଦି ବିଶ୍ୱବିଦ୍ୟାଳୟର ବିଘଟନ ନିମନ୍ତେ ପ୍ରସ୍ତାବ ଦିଅନ୍ତି ତେବେ ସେ ତିନିମାସ ପୂର୍ବରୁ ରାଜ୍ୟ ସରକାରଙ୍କୁ ସେ ବିଷୟରେ ଲିଖିତାକାରରେ ଜଣାଇବେ ।

ବିଶ୍ୱବିଦ୍ୟାଳୟର ଲକ୍ଷ୍ୟ ପୂରଣ କରିବାରେ ଯଦି ଅବ୍ୟବସ୍ଥା, କୁପ୍ରଶାସନ, ବିଶୃଙ୍ଖଳା, ବିଫଳତା ଏବଂ ବିଶ୍ୱବିଦ୍ୟାଳୟ ପରିଚାଳନାରେ ଆର୍ଥିକ ସଂକଟ ଦେଖାଦିଏ, ତେବେ ରାଜ୍ୟସରକାର, ସେପରି ସ୍ଥଳେ ତତ୍‌ସମୟେ ବଳବତ୍ତର ଥିବା ସଂପୃକ୍ତ ଯେକୌଣସି ବିଧିରେ ଥିବା ବ୍ୟବସ୍ଥା ପ୍ରତି ସାପେକ୍ଷ ହୋଇ, ତଦନୁସାରେ ବିଶ୍ୱବିଦ୍ୟାଳୟର ପ୍ରାୟୋଜକ ନିକାୟକୁ ନିର୍ଦ୍ଦେଶନାମା ଜାରି କରିବେ ଏବଂ ଯେପରି ବିହିତ ହୋଇପାରେ ସେପରି ସମୟ ସୀମା ମଧ୍ୟରେ ସେହି ନିର୍ଦ୍ଦେଶନାମା ପାଳନ ନକଲେ ବିଶ୍ୱବିଦ୍ୟାଳୟର ବିଘଟନ ସଂକ୍ରାନ୍ତରେ ନିଷ୍ପତ୍ତି ନେବା ଅଧିକାର ରାଜ୍ୟ ସରକାରଙ୍କ ଠାରେ ନ୍ୟସ୍ତ ହେବ ।

ରାଜ୍ୟ ସରକାରଙ୍କ ଦ୍ୱାରା ତଦୁପଲକ୍ଷେ ଯେପରି ବିହିତ କରାଯାଇପାରେ ବିଶ୍ୱବିଦ୍ୟାଳୟର ବିଘଟନ ସେପରି ରୀତିରେ କରାଯିବ ।

ରାଜ୍ୟ ସରକାର ଯଦି ନିୟନ୍ତ୍ରକ ମଣ୍ଡଳୀକୁ ନିଲମ୍ବନ କରିବାକୁ ସମୀଚୀନ ମନେ କରିବେ ତେବେ ପରିଚାଳନା ମଣ୍ଡଳୀର ନିଲମ୍ବନ ଆଦେଶ, ସରକାରୀ ଗେଜେଟରେ ଅଧିସୂଚନା ମାଧ୍ୟମରେ ପ୍ରକାଶିତ କରିବେ ଓ ଯେପରି ଉଚିତ୍ ମନେକରିବେ ତଦନ୍ତ ଶେଷ ହେବା ପର୍ଯ୍ୟନ୍ତ ବିଶ୍ୱବିଦ୍ୟାଳୟର କାର୍ଯ୍ୟ ପରିଚାଳନା ନିମନ୍ତେ ପ୍ରାୟୋଜକ ନିକାୟ ସହିତ ପରାମର୍ଶ କ୍ରମେ, ସେପରି ବ୍ୟବସ୍ଥା କରିବେ:

ପରନ୍ତୁ ପ୍ରାୟୋଜକ ନିକାୟକୁ କାରଣ ଦର୍ଶାଇବା ଲାଗି ଯୁକ୍ତିଯୁକ୍ତ ସୁଯୋଗ ନ ଦେଇ ସେପରି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ ।

ଉପଧାରା (1)ରେ ଉଲ୍ଲିଖିତ ନୋଟିସ୍ ପାଇବା ପରେ ବା ଉପଧାରା (2) ଅନୁଯାୟୀ ବିଘଟନ ନିଷ୍ପତ୍ତି ନିଆଯିବା ପରେ ରାଜ୍ୟ ସରକାର, ସର୍ବଭାରତୀୟ ବୈଷୟିକ ଶିକ୍ଷା ପରିଷଦ, ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ଓ କେନ୍ଦ୍ର ବା ରାଜ୍ୟ ସରକାରଙ୍କ ଅନ୍ୟାନ୍ୟ ସଂପୃକ୍ତ ନିୟାମକ ନିକାୟଗୁଡିକ ସହିତ ପରାମର୍ଶ କ୍ରମେ, ବିଶ୍ୱବିଦ୍ୟାଳୟର ବିଘଟନ ଲାଗି ପ୍ରସ୍ତାବିତ ତାରିଖଠାରୁ ବିଶ୍ୱବିଦ୍ୟାଳୟର ନିୟମିତ ପାଠ୍ୟକ୍ରମର ଶେଷ ବ୍ୟାଚର ଛାତ୍ରଛାତ୍ରୀମାନେ ସେମାନଙ୍କର ପାଠ୍ୟକ୍ରମ ଶେଷ କରିବା ପର୍ଯ୍ୟନ୍ତ ଯେପରି ବିହିତ ହୋଇପାରେ ବିଶ୍ୱବିଦ୍ୟାଳୟ ପରିଚାଳନା ପାଇଁ ସେପରି ବ୍ୟବସ୍ଥା କରିବେ ।

ବିଘଟନ ଅବଧି ମଧ୍ୟରେ ବିଶ୍ୱବିଦ୍ୟାଳୟର ପ୍ରଶାସନ ସଂକ୍ରାନ୍ତ ବ୍ୟୟ ।

49. (1) ଧାରା 48 ଅନୁଯାୟୀ ବିଶ୍ୱବିଦ୍ୟାଳୟର ପରିଚାଳନା ଦାୟିତ୍ୱ ନିଆଯାଇଥିବା ଅବଧି ମଧ୍ୟରେ ସେ ସଂକ୍ରାନ୍ତୀୟ ବ୍ୟୟ ଏଣ୍ଡାଓମେଣ୍ଟ ପାଣ୍ଠି, ସାଧାରଣ ପାଣ୍ଠି ବା ଉନ୍ନୟନ ପାଣ୍ଠିରୁ ଭରଣା କରାଯିବ ।

(2) ବିଶ୍ୱବିଦ୍ୟାଳୟ ପରିଚାଳନା ଦାୟିତ୍ୱ ନିଆଯାଇଥିବା ଅବଧି ମଧ୍ୟରେ ଉପଧାରା (1) ରେ ଉଲ୍ଲିଖିତ ପାଣ୍ଠି ଯଦି ବ୍ୟୟ ଭରଣା କରିବା ଲାଗି ଯଥେଷ୍ଟ ନହୁଏ ତେବେ ରାଜ୍ୟ ସରକାରଙ୍କ ଦ୍ୱାରା ବିଶ୍ୱବିଦ୍ୟାଳୟର ସମ୍ପତ୍ତି ଓ ଆସ୍ତିର ନିକାଶକରି ସେହି ବ୍ୟୟ ଭରଣା କରାଯିବ ।

ଅସୁବିଧା ଦୂରୀକରଣ ।

50. (1) ଏହି ଅଧିନିୟମରେ ଥିବା ବ୍ୟବସ୍ଥାଗୁଡିକୁ କାର୍ଯ୍ୟକାରୀ କରିବା ନେଇ ଯଦି କୌଣସି ଅସୁବିଧା ଉପୁଜେ, ତେବେ ରାଜ୍ୟ ସରକାର, ସେହି ଅସୁବିଧା ଦୂରୀକରଣ ଲାଗି ଯେପରି ଆବଶ୍ୟକ ବା ସମୀଚୀନ ମନେକରିବେ, ଏହି ଅଧିନିୟମରେ ଥିବା ବ୍ୟବସ୍ଥାଗୁଡିକ ସହିତ ଅସଙ୍ଗତ ହେଉନଥିବା ସେପରି ବ୍ୟବସ୍ଥା, ଆଦେଶ ଦ୍ୱାରା ପ୍ରଣୟନ କରିପାରବେ:

ପରନ୍ତୁ ଏହି ଅଧିନିୟମ ପ୍ରାରମ୍ଭ ହେବା ତାରିଖଠାରୁ ଦୁଇବର୍ଷ ପୂରିଯିବା ପରେ ସେପରି ଆଦେଶ ଦିଆଯାଇପାରିବ ନାହିଁ ।

(2) ଉପଧାରା (1) ଅନୁଯାୟୀ ଦିଆଯାଇଥିବା ପ୍ରତ୍ୟେକ ଆଦେଶ, ତାହା ଦିଆଯିବା ପରେ ଯଥାସମ୍ଭବ ଶୀଘ୍ର ରାଜ୍ୟ ବିଧାନମଣ୍ଡଳ ସମକ୍ଷରେ ଉପସ୍ଥାପନ କରାଯିବ ।